
# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା




ଜୁଲାଇ, ୨୦୧୯

ଦଶମ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

www.preranaodia.com

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜୁଲାଇ, ୨୦୧୯ । ଦଶମ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସମ୍ପାଦକ

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

## ଆମସହ ଯୋଗାଯୋଗ

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ–8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଜୁଲାଇ ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଜୁଲାଇ ୨୦୧୯ ସଂସ୍କରଣର ବିଜେତା ଲେଖିକା ପୂର୍ଣ୍ଣିମାରାଣୀ ସାହୁଙ୍କୁ ଅଭିନନ୍ଦନ । ଲେଖିକାଙ୍କ କଲମରୁ...

ଆହା କି ସୁନ୍ଦର ଏ ନୀର ଅମ୍ବର !

ଶୋକ ପାସୋରା ଯେ ଅସ୍ତ ଦିଗମ୍ବର ।

କବି ମାନସର ନାୟିକା, ଉତ୍କଳର ଚାରୁ ଅଳଂକାର

ସୌନ୍ଦର୍ଯ୍ୟମୟୀ ନିଳାମ୍ବୁ ଚିଲିକାର ନାହିଁ ପଟାନ୍ତର ।



ପୂର୍ଣ୍ଣିମାରାଣୀ ସାହୁ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ, ଶ୍ରୀ ହୃଦୟାନନ୍ଦ ପଧାନ, ଶ୍ରୀ ଚନ୍ଦ୍ର ଶେଖର ଖଟୁଆ ଓ ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏତଦ୍ ବ୍ୟତୀତ ପ୍ରଚ୍ଛଦପଟ୍ଟ ଶିଳ୍ପୀ କୁମାରୀ ଶୁଭଶ୍ରୀ ପଣ୍ଡା ପତ୍ରିକାର ପ୍ରଚ୍ଛଦପଟ୍ଟଟି ଅତି ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍‌ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ଯାହାଙ୍କ ସାହିତ୍ୟିକ କୃତି ଓଡିଶା ପ୍ରବନ୍ଧ ସାହିତ୍ୟକୁ ସମୃଦ୍ଧ କରିଛି ; ଯିଏ ବିଂଶ ଶତାବ୍ଦୀରେ, ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଜଣେ ଏକନିଷ୍ଠ ସାଧକ ଭାବେ ଜଣାଶୁଣା ; ଯାହାଙ୍କ ପ୍ରାବନ୍ଧିକ ପ୍ରତିଭାକୁ କଳନା କରାଯାଇ ନପାରେ ; ସ୍ୱକୀୟ ମୌଳିକତା ଓ ସ୍ୱଦେଶ ପ୍ରାଣତା ଯାହାଙ୍କ ରଚନାର ମୁଖ୍ୟ ଅସ୍ତ୍ର ; ଯିଏ ଜଣେ ଆଦର୍ଶବାଦୀ ଆଇନଜୀବୀ ଭାବେ ସୁପରିଚିତ ; ଯାହାଙ୍କ ଲେଖନୀ ଜୀବନର ଶେଷ ଅବସ୍ଥାରେ ମଧ୍ୟ ଥିଲା ଜୀବନ୍ତ ଓ ସୃଷ୍ଟିଶୀଳ ; ଓଡ଼ିଆ ସାହିତ୍ୟଜଗତର ସେହି ସାରସ୍ୱତ ପ୍ରତିଭା ଡକ୍ଟର ବ୍ରଜବିହାରୀ ମହାନ୍ତିଙ୍କ ଜୀବନୀ ଓ ସାହିତ୍ୟ ସର୍ଜନା ବିଷୟରେ ଆଲୋଚନା କରିବା ଅତ୍ୟନ୍ତ ଗୌରବର ବିଷୟ ।

ପ୍ରାବନ୍ଧିକ ବ୍ରଜବିହାରୀ ମହାନ୍ତି ୧୯୦୨ ମସିହା ଫେବୃୟାରୀ ମାସରେ କଟକର ସାଲେପୁର ଥାନା ଅନ୍ତର୍ଗତ ଆତୋଢ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ପାଟନା ବିଶ୍ୱବିଦ୍ୟାଳୟରୁ ବି. ଏ୍. ଓ ବି. ଏଲ୍. ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇ ଆଇନଜୀବୀ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ କିନ୍ତୁ ସମୟକ୍ରମେ ଓକିଲାତି ପ୍ରତି ବୀତସ୍ପୃହ ହୋଇ ତାଳଚେର ରାଜାଙ୍କ ଆହ୍ୱାନ କ୍ରମେ ତାଳଚେରର ମାଜିଷ୍ଟ୍ରେଟ ଭାବେ ଯୋଗ ଦେଇଥିଲେ ।

ପ୍ରବନ୍ଧ ସାହିତ୍ୟର କ୍ରମବିକାଶ ସାଙ୍ଗକୁ ପ୍ରାବନ୍ଧିକ ମାନଙ୍କୁ ପ୍ରତିଷ୍ଠିତ କରିବାରେ ପତ୍ରପତ୍ରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । "ସହକାର" ମାଧ୍ୟମରେ ପ୍ରାବନ୍ଧିକ ବ୍ରଜବିହାରୀ ମହାନ୍ତିଙ୍କ ଅନେକ ପ୍ରବନ୍ଧ ପାଠକ/ପାଠିକା ମାନଙ୍କ ପାଖରେ ପହଞ୍ଚି ଜନାଦୃତ ହୋଇ ପାରିଥିବା ହେତୁ ତାଙ୍କ ପ୍ରତି ଏହାର ଦାନ ଅନସ୍ୱୀକାର୍ଯ୍ୟ । ସେ ପ୍ରାୟତଃ ଟିପାଖାତା ମାଧ୍ୟମରେ ସାମ୍ପ୍ରତିକ ଘଟଣା ଗୁଡିକୁ ଲେଖି ତାକୁ ପରବର୍ତ୍ତୀ

ସମୟରେ ପ୍ରବନ୍ଧ ଲିଖନରେ ବିନିଯୋଗ କରୁଥିଲେ । ଏହାଦ୍ଵାରା ସେ ସମ ସାମୟିକ ଘଟଣା ପ୍ରବାହଗୁଡିକୁ ପ୍ରାସଙ୍ଗିକ ଭାବେ ଉପସ୍ଥାପନା କରିପାରୁଥିଲେ ।

ପ୍ରାବନ୍ଧିକଙ୍କ ଜାଗତିକ ସମସ୍ୟାଭିତ୍ତିକ ପ୍ରବନ୍ଧ ଗୁଡିକ ଅତ୍ୟନ୍ତ ଉଚ୍ଚକୋଟୀର । ଏଗୁଡିକ ମୁଖ୍ୟତଃ ମାନବୀୟ ସମସ୍ୟା ଉପରେ ପର୍ଯ୍ୟବେଶିତ । ପ୍ରବନ୍ଧ "ସାଥି"ରେ ସେ ବିଶ୍ୱପ୍ରକୃତିର ମହାନ ସ୍ରୋତରେ ବ୍ୟକ୍ତିସତ୍ତାର ମିଳନକୁ ସ୍ୱାଗତ କରି କହନ୍ତି "ଅନନ୍ତ ଜଳଧି ସାଙ୍ଗେ ଯେପରି ତଟିନୀ ମିଶିଯାଏ, ସେହିପରି ବିଶ୍ୱପ୍ରକୃତିର ଅସୀମତାରେ ଜୀବନ ଧାରାଟି ଗୋଟିଏ ଚିରନ୍ତନ ମିଳନ ଲୋଡ଼େ ।", ସେହିପରି ତାଙ୍କ ରଚିତ ଚିନ୍ତାଧର୍ମୀ ପ୍ରବନ୍ଧ ଗୁଡିକରେ ଲେଖକଙ୍କ ଚିନ୍ତାଚେତନରେ ସ୍ୱାତନ୍ତ୍ର୍ୟତାର ପରିଚୟ ମିଳେ । ଧର୍ମ ବିଷୟରେ ସେ କୁହନ୍ତି "ଯେଉଁ ଧର୍ମ କହେ, ତା'ର ପଥ ଏକମାତ୍ର ଅବଲମ୍ବନୀୟ ଏବଂ ଅନ୍ୟ ଧର୍ମ ଆଶ୍ରୟରେ ମନୁଷ୍ୟର ପତନ ଅନିର୍ବାର୍ଯ୍ୟ, ଏଭଳି ଧର୍ମର

ପୋଷକତା କରିବା ବିବେକୀ ଲୋକର କର୍ତ୍ତବ୍ୟ ନୁହେଁ ।" ବାସ୍ତବତା ସମ୍ପର୍କରେ ତାଙ୍କର ମନ୍ତବ୍ୟ ହେଉଛି "ବାସ୍ତବତା ଓ ସୃଷ୍ଟି ରହସ୍ୟ ପରସ୍ପର ସଂପୃକ୍ତ, ଗୋଟିକର ଛାୟା ପ୍ରକାଶରେ ଅନ୍ୟଟି ପ୍ରତିବିମ୍ବିତ ହୁଏ ।" ଏହାଛଡା ତାଙ୍କ ଦ୍ୱାରା ରଚିତ ସୌନ୍ଦର୍ଯ୍ୟଧର୍ମୀ ପ୍ରବନ୍ଧ ଗୁଡିକରେ ଲେଖକଙ୍କ ଦକ୍ଷତାକୁ ଉପେକ୍ଷା କରାଯାଇନପାରେ । ନିମ୍ନଲିଖିତ ଉକ୍ତି ଗୁଡିକରେ ଏହା ଶତ ପ୍ରତିଶତ ପ୍ରମାଣିତ ।

(କ) "ଥରେ ନାରୀ ହୃଦୟ ତାର ସାଥିଟିଏ ପାଇଁ ଉନ୍ମୁକ୍ତ ହୋଇଗଲେ, ତାକୁ ସହଜରେ ବନ୍ଦକରି ହୁଏ ନାହିଁ । ଏହାହେଲା ନାରୀ ହୃଦୟର ବିଶେଷତ୍ୱ ।" (ସାଥି)

(ଖ) "ସୌନ୍ଦର୍ଯ୍ୟ ଜୀବନର ଉତ୍ସ । ବିଶ୍ୱପ୍ରକୃତିରେ ଆନନ୍ଦ ସତ୍ତା ସୌନ୍ଦର୍ଯ୍ୟର ଚିତ୍ରଣ କୌଶଳରେ ଆତ୍ମପ୍ରକାଶ କଲେ ଜୀବଜଗତ ମୋହିତ ହୁଏ ।" (ସୌନ୍ଦର୍ଯ୍ୟ ଓ କଳା)

ପ୍ରାବନ୍ଧିକ ବ୍ରଜବିହାରୀ ମହାନ୍ତିଙ୍କ ସାହିତ୍ୟ ସାଧନା କେବଳ ପ୍ରବନ୍ଧ ରଚନାରେ ହିଁ ସୀମିତ । ସେ "ସରସୀ" ନାମକ ଗଳ୍ପଟିଏ ଲେଖିବାକୁ ଆରମ୍ଭ କରିଥିଲେ ହେଁ ତାହା ଅସମ୍ପୂର୍ଣ୍ଣ ରହିଯାଇଛି । ସେଥିରେ ମଧ୍ୟ ତାଙ୍କ ପ୍ରାବନ୍ଧିକ ଶୈଳୀ ପରିଦୃଷ୍ଟ ହୁଏ । ଜୀବନର ଶେଷ ସମୟରେ କର୍କଟ ଭଳି ଦୁରାରୋଗ୍ୟର ଶିକାର ହୋଇଥିଲେ ମଧ୍ୟ ତାଙ୍କ ଲେଖନୀ ପୂର୍ବଭଳି ଜୀବନ୍ତ ଓ ସୃଷ୍ଟିଶୀଳ ଥିଲା । ଏଯାବତ୍ ତାଙ୍କର କେବଳ ଦୁଇଟି ଗ୍ରନ୍ଥ ପ୍ରକାଶିତ । ଅନ୍ୟାନ ବହୁ ପ୍ରବନ୍ଧ ବହୁ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲେ ହେଁ ଏକତ୍ର ସଂକଳିତ ହୋଇପାରି ନାହିଁ, କିନ୍ତୁ ଦିନେ ନା ଦିନେ ସେ ସବୁ ଅନନ୍ୟ ସୃଷ୍ଟି ବର୍ତ୍ତମାନ ଆଧୁନିକ ଯୁଗର ପାଠକ/ପାଠିକା ଗହଣରେ ପହଞ୍ଚି ବହୁତ ଲୋକପ୍ରିୟ ହେବ, ଏଥିରେ ଦ୍ୱିରୁକ୍ତି ନାହିଁ ।

**ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ପ୍ରାର୍ଥନା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୨୦ |
| | **ପଦ୍ୟ ବିଭାଗ** | | |
| ୨. | ଉଠ ଚିଲିକା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୨୩ |
| ୩. | ବ୍ରହ୍ମ ଦର୍ଶନ | ସଂଯୁକ୍ତା ରାଉତ | ୨୫ |
| ୪. | ଉଇ | ସୂର୍ଯ୍ୟମଣି ମାଝୀ | ୨୭ |
| ୫. | ଜହ୍ନ ପୁଣି ହସିବ | ଅର୍ଘ୍ୟରୂପା ସ୍ୱାଇଁ | ୩୦ |
| ୬. | ଈଶ୍ୱରୀ | ଶିବ ଚରଣ ମହାପାତ୍ର | ୩୨ |
| ୭. | ଅନ୍ୱେଷଣ | ସୁଧୀର କୁମାର ପଣ୍ଡା | ୩୫ |
| ୮. | ଅଳସୀ ନଈଟେ ହୋଇ ବହିଯିବି | ତପସ୍ୱିନୀ ଦାଶ ଷଡଙ୍ଗୀ | ୩୭ |
| ୯. | କଳା ଗୋସାଇଁ | ସୁନିତା ବାରିକ | ୩୯ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୦. | ପରିତ୍ୟକ୍ତା | ତମନ୍ନା ନନ୍ଦ | ୪୨ |
| ୧୧. | ଜୀବନ | ରଞ୍ଜିତା ଦାସ | ୪୫ |
| ୧୨. | ଏତେ ବ୍ୟସ୍ତ କାଇଁ ପାଇଁ | ଅବିନାଶ ପ୍ରଧାନ | ୪୭ |
| ୧୩. | ମେଘ ଆଣେ ସ୍ମୃତି | ମଞ୍ଜୁଲତା ସିଂ | ୫୦ |
| ୧୪. | ନାରୀ ଏକ ସମାଜର | ବକୁଳମାଳା ମହାନ୍ତି | ୫୩ |
| ୧୫. | ଜୀବନ ରଥ | ନୂତନ କୁମାର ବେହେରା | ୫୫ |
| ୧୬. | ମଣିଷ ଜୀବନ | ଅକ୍ଷୟ କୁମାର ବେହେରା | ୫୮ |
| ୧୭. | ଜୀବନ ପଥ | ଦୀନବନ୍ଧୁ ପୋଇ | ୬୦ |
| ୧୮. | ଏ ନିର୍ମମ ଯୁଗ | ହୃଦୟାନନ୍ଦ ପଧାନ | ୬୨ |
| ୧୯. | ଶୀର୍ଷକରୁ ଅନୁଶୀର୍ଷକରେ | ଅଲେଖ ଚନ୍ଦ୍ର ବେହେରା | ୬୫ |
| ୨୦. | ବର୍ଷା | କୃଷ୍ଣ ଚନ୍ଦ୍ର ଡାକୁଆ | ୬୭ |
| ୨୧. | ହୃଦୟ ଫାଙ୍କରେ ରହିବ ବୋଲି | ରବୀନ୍ଦ୍ର ମାହାଲି | ୬୮ |

| କ୍ର. ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୨. | ପୁଣି ଫେରିବ | ଧିରେନ ବାଗ | ୭୦ |
| ୨୩. | ସ୍ମୃତି | ରମେଶ ଚନ୍ଦ୍ର ବେହେରା | ୭୧ |
| ୨୪. | ପତଙ୍ଗ ଓ ଦୀପାଳି | ପ୍ରିୟଦର୍ଶିନୀ ମହାନ୍ତି | ୭୪ |
| | **ଗଦ୍ୟ ବିଭାଗ** | | |
| ୨୫. | ବାପା : ତ୍ୟାଗର ଅନ୍ୟନାମ | ରୋଜା ପଣ୍ଡା | ୭୭ |
| ୨୬. | ସେଇ ଗୋଟିଏ ଭୁଲ୍ | ତପସ୍ୱିନୀ ଦାଶ ଷଡଙ୍ଗୀ | ୮୩ |
| ୨୭. | ଜୀବନର କାହାଣୀ | ରଶ୍ମି ରଞ୍ଜନ ନାୟକ | ୯୦ |
| ୨୮. | ଜବାନର ଜୀବନ | ପୂର୍ଣ୍ଣିମାରାଣୀ ସାହୁ | ୯୨ |
| ୨୯. | ଅଷ୍ଟମଙ୍ଗଳା | ପ୍ରଶାନ୍ତ କୁମାର ବେହେରା | ୯୭ |
| ୩୦. | ଦୁଇ ଅକ୍ଷରରେ ବାପା | ସୋନାଲି ସ୍ୱାଇଁ | ୧୨୩ |
| ୩୧. | ମୋ ବାପାଙ୍କ ସଂଘର୍ଷ | ରଞ୍ଜିତା ଦାସ | ୧୨୭ |

# ପ୍ରାର୍ଥନା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

କି ହେବ ଚିତା କାଟିଲେ

ମାୟା-ମୋହ ନ କାଟିଲେ ॥

ସାଜି ମାଜି ନିଜ ଭେକ,

ଦେଖାଏ ଯେ ଅବିବେକ

ରଖିବାକୁ ଧର୍ମଟେକ କି ଲୋଡା ପରିପାଟୀରେ ।

ଅଙ୍ଗେଲିପି ଧଳାମାଟି – ବଟକ୍ଷୀରେ ଜଟ ଛାଟି

ନ ଜାଣିଲେ ମହିମାଟି କି ଲାଭ ନାମ ବାଣ୍ଟିଲେ ।

ନାନାରଙ୍ଗେ ଯୁକ୍ତିକାଟି

କରୁଥିଲେ ଉଚ୍ଚେ ପାଟି ॥

କବିର ଉଚ୍ଛିଷ୍ଟ ଚାଟି କି ହେବ ଶାସ୍ତ୍ର ଘାଣ୍ଟିଲେ ।

ଭିନ୍ନ ଭିନ୍ନ ଧର୍ମଧରି; ଅଭିନ୍ନକୁ ଭିନ୍ନ କରି,

ଯିବ କିରେ ଭବୁତରି ପଡିବ କାଳ ଘାଟିରେ ।

ଏକ ଭାବେ କରି ଲୟ, ଘୁଞ୍ଚାଅରେ ଭବ ଭୟ

ମନକୁ କରିଲେ ଥୟ ଫଳିବ ଫଳ ମାଟିରେ

ଭାଷଇ ଧ୍ରୁବ ଚରଣ, ସବୁ ଭେକ ଅକାରଣ,

ଏକା ଅଟଇ କାରଣ ନିଷ୍କାମ ସାଧନାଟିରେ ॥

*****

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

"ସ୍ନେହ-ଅନୁରାଗ ପ୍ରେମ-ମୈତ୍ରୀ-ବାଣେ
ଦୟା-ସହିଷ୍ଣୁତା-ତିତିକ୍ଷା-କମାଣେ ।
ଲୋଭ-ମୋହ-ମଦ-ଶତ୍ରୁ ସେନାଗଣ
ମାରି ଯେ ହୃଦୟ-ରାଜ ସିଂହାସନ-
କରି ପାରେ ଧର୍ମ-ଯୁଦ୍ଧେ ଅଧିକାର
ପ୍ରକୃତ ବିଜୟୀ ସେହି ଏ ସଂସାର ।।"

**ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ**

# ଉଠ ଚିଲିକା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ପାହିଲାଣି ଘୋର ରଜନୀ ଦଶଦିଗ ଉଜ୍ଜ୍ୱଳ

ଉପବନୁ ଗନ୍ଧ ବହିଣ ପ୍ରସରଇ ଅନିଳ ॥

ରାବିଲେଣି କେତେ ବିହଙ୍ଗ ଲଭି ସେ ମୃଦୁତାନ

ଜାଗିଲାଣି ସୁପ୍ତ ଧରଣୀ ଘେନି ନବ ଚେତନ ॥

ଉଠ ଗୋ ସୁନ୍ଦରୀ ଚିଲିକା ଫେନ-କରମଞ୍ଜାଳି

ଅର୍ଘ୍ୟଘେନି ଉଷା ଦୁଆରେ ଉପନୀତ ତୋହରି ॥

ଆସି ଅଛି ସଜ କୁସୁମ ଘେନି କୁସୁମ ବେଶେ

କୁଣ୍ଡାଇ ମଣ୍ଡାଇ ଦେବାକୁ ତବ ଶ୍ୟାମଳ କେଶେ ॥

ସଇକତ-ଶଯ୍ୟା ବରଜି ଉଠ ଚିଲିକା ରାଣୀ

ଡାକିଡାକି ଥକି ଗଲାଣି ତୋର ବାଲ୍ୟସଙ୍ଗିନୀ ॥

କି ସୁଖ ସପନେ ମଜିଛୁ ବୁଜି ବେନି ନୟନ
ମାଖି କେ ଦେଇଛି ଆଖିରେ ତୋର ମୋହ ଅଞ୍ଜନ ॥
ଉଭା ସିନ୍ଧୁରାଜି ସମ୍ମୁଖେ ତୋର ଗମ୍ଭୀର ଘୋଷେ
ନୀଳଉର୍ମି ବାହୁ ଉଠାଇ ଅବା ତୀକ୍ଷଣ ରୋଷେ ॥
ଚେତିଶୋଇ ଅବା ଚତୁରୀ କରୁ ମୋତେ ଅଧିରା
ବିକଟ ବାଷ୍ପୀୟ ଶକଟ ଡାକ କି ନ ଶୁଭିଲା ॥
ଅବା ହେଲୁ ଦୁଃଖେ ମଉନ ହେଜି ପୂରୁବ ସ୍ମୃତି
ନାହିଁ ସେ ପୂରୁବ ଗୌରବ ନାହିଁ ପୂର୍ବ ସଂସ୍କୃତି ॥

*****

ଜହ୍ନିତଇଳା, ଢେଙ୍କାନାଳ

# ବ୍ରହ୍ମ ଦର୍ଶନ

ସଂଯୁକ୍ତା ରାଉତ

ଜୀବନର ପଥ ନୁହେଁ ତ ସୁଗମ
କେବେ କଣ୍ଟା କେବେ ଫୁଲ
ଅନ୍ୟର ଖୁସିରେ ବଞ୍ଚିବାଟା ଶ୍ରେଷ୍ଠ
ମୂଲ ତା' ଅମୂଲ ମୂଲ ॥

କ୍ଷଣିକ ସୁଖର ମୋହରେ ଭାସିଣ
ମନେ ବାନ୍ଧୁ ସିନା ଆଣ୍ଠ
ଆଶା ବୈତରଣୀ ଘୁଞ୍ଚି ଘୁଞ୍ଚି ଯାଏ
ଦେଇଯାଏ ବହୁ କଷ୍ଟ ॥

ଦେବାରେ ଯେ ଖୁସି ପାଇବାରେ ନାହିଁ
ଏ କଥା ବୁଝିଛି ଯିଏ
ମରମେ ମରମେ ଧରମକୁ ସିନା
ହୃଦୟେ ଲଭିଛି ସିଏ ॥

କହିବା ଆଗରୁ ଅନ୍ୟର କଷଣ
ଅନୁଭବେ ଯେଉଁ ଜନ
ନିଃସ୍ୱ ହେଲେ ବି ସେ ଧନରେ ଧାନ୍ୟରେ
ଧନବାନ୍ ତାର ମନ ॥

ଆସକ୍ତ ନ ହୁଏ କେବେ ସେ କାହିଁରେ
ନିଷ୍କାମ ସେବାଟି ସାର
ସକଳ ସତ୍ତାରେ ବ୍ରହ୍ମ ଦରଶନ
ଅବିଳମ୍ବେ ଘଟେ ତା'ର ॥

***** ଜୟପୁର, କୋରାପୁଟ

# ଉଇ

ସୂର୍ଯ୍ୟମଣି ମାଝୀ

ଗୋଡ଼ ତା' ବାଙ୍ଗରା ମୁଣ୍ଡଟା ଟାଙ୍ଗରା
ଜଳ ଦେବତାଙ୍କ ଭାଇ
ମାଟିରେ ଥାଇ ଯେ ପେଟକୁ ପୂରାଏ
ନାମଟି ତାହାରି ଉଇ ॥

ଯାଏ ଯେଉଁ ଆଡ଼େ ଜଳ ତା ସାଥିରେ
ଆଗକୁ ଯାଉଛି ମାଡ଼ି
ଉଇ ଚରିଯାଇ ସବୁ ଖାଇପାରେ
ଅଗ୍ନି ଦେବତାଙ୍କୁ ଛାଡ଼ି ॥

ମାଟିରେ ତା’ ଘର ହୁଙ୍କା ଯା’ ନିଜର
ତଥାପି ଭାଲୁକୁ ଡର
ନାଗନାଗୁଣୀଏ ରହି ତା'ର ଘରେ
କରନ୍ତି ସୁରକ୍ଷା ତା'ର ॥

ଦଶହରା ବେଳେ ଲୋଡ଼ା ହୁଙ୍କା ମାଟି
ମିଶିଛି ତା’ ଲାଳ ଯହିଁ
ଜଗତ ଜନନୀ ମୂର୍ତ୍ତି ପୂଜା କାଳେ
ନିଜକୁ ଶ୍ରେଷ୍ଠ ଭାବଇ ॥

ବରଷା କାଳରେ ପର ଧରି ଥାଇ
ଝଡ଼ି ପୋକ ନାମ ବହି
କଲୋନୀକୁ ଛାଡ଼ି ଉର୍ଜା ଦିଗେ ମାଡ଼ି
ପରାଣ ବଳି ଦିଅଇ ॥

ଉଇ ଚରି ଯାଇ ମୂଲ୍ୟବାନ ଚିଜ

ଯେହ୍ନେ ନଷ୍ଟ ହୋଇଥାଇ

ଉଇ ଚରି ଗଲେ ମଣିଷର ବୁଦ୍ଧି

ସମୂଳେ ଭ୍ରଷ୍ଟ ହୁଅଇ ॥

*****

ଲାଠିପଡା , ନୟାଗଡ଼

# ଜହ୍ନ ପୁଣି ହସିବ

ଅର୍ଘ୍ୟରୂପା ସ୍ୱାଇଁ

ଅଜଣା ରାତ୍ରିର ଅଚିହ୍ନା ସପନ

ଏକଲା ଆଜି ମୋ ଜହ୍ନ,

ଦୂର ଆକାଶରେ ନୀଳ ଚାହାଣିରେ

ଦେଖେ ତା'ର ପ୍ରତିବିମ୍ବ

ଘଡିଏ ଲୁଚିଲେ ଘଡିଏ ପ୍ରକଟୁଛି

ଲୁଚାଇ ସବୁ ଅଭିମାନ,

ଲୁଚକାଳି ଖେଳି ସବୁ ଅଭିଯୋଗେ

ହେଉଥାଏ ସେ ନିପୁଣ,

ଯୁଦ୍ଧ ଜାଣେ ସିଏ ଖେଳେ ମନ ସହ

ଜାଣି ଜାଣି କରେ ଅଝଟ

ହଜାରେ ତାରାରେ କଇଁକୁ ସେ ଝୁରେ

ଦେଖି କଇଁର ଲାଜ ହସ,

ଦୁଇ ନୟନର ଦୂରତା ଯୋଜନର

ରାତି ଯାଉଥାଏ ପାହି

ଜହ୍ନ ହଜିଯାଏ କଥା ଦେଇଯାଏ

ଅଳପ ଅବଧି ନେଇ,

ପୁଲକନ୍ତି ଦୁହେଁ ଅପଲକ ନୟନେ

ଚାହିଁ ପୁରୁଣା ଅତୀତ

ଆସିବ ତା' କଇଁ ବାରି ପଦଚିହ୍ନ

ସେଦିନ ଜହ୍ନ ପୁଣି ହସିବ ।

*****

ଢେଙ୍କାନାଳ

# ଈଶ୍ୱରୀ

ଶିବ ଚରଣ ମହାପାତ୍ର

ଏଇଠି...

ଗୁମସୁମ୍ ପାଦଚିହ୍ନ

ବାଷ୍ପରୁଦ୍ଧ ଘୁଙ୍ଗୁରର ଭାଷା

ନିର୍ବାକ୍ ତାରକସି ଆବେଗ

ଚରାବାଲି କାମନାର ନିଶା..

ଚାରିଆଡେ ଏକା ଏକା ନିସ୍ତବ୍ଧ ଆଲୁଅ

କିନ୍ତୁ ଜୀବନ ମଧୁଶାଳା ନିର୍ଜନତାର ଭିଡ..

ଆଶାର ଦିନ ଅଛି, ନିରାଶାର ଚିହ୍ନ ଅଛି

ସ୍ୱପ୍ନର ମନ ଅଛି, ବାସ୍ତବତାର ତନ ଅଛି..

ରୋଗ, ଶୋକ, ଦୁଃଖ, ଯନ୍ତ୍ରଣା ସବୁ

ବୟସ ଲଫାପା ଭିତର ବଳକା ମୃଗତୃଷ୍ଣା..

ଏଠି ଆଖି ସାଥେ ସ୍ୱପ୍ନ ମହଙ୍ଗା ମିଳୁଛି..

ସେଦିନ..

ସେ ନଷ୍ଟ ଲଗ୍ନ ହୃଦୟ ଦ୍ୱାରେ ଦଣ୍ଡାୟମାନ ଥିଲା

ଅବା ସେ ଥିଲା ଭଗ୍ନ ଶିଳାର ଚିତ୍ରଲେଖା ଦେବୀ..

ମୁଁ ତାରା ହେଇ ଟୁକ୍ କିନା ଜାବୁଡି ଧରିଲି

ଆଖିଏ ଆକାଶରେ,

ପୃଥିବୀ..

ତା' ଭିତରେ ଆଖି, ଓଠ, ନାସିକା, ବକ୍ଷୋଜ, କେଶ, ନିତମ୍ବ

କ୍ଷୀଣକଟି.. ଓଫ୍..

ମୃତ ଦାଣ୍ଡିବରେ କେ ଅବା ହସ୍ତାକ୍ଷର କରିଦେଲା

ତରଙ୍ଗାୟିତ ହେଲା

ମିଳନ ରାଗିଣୀ ମଧୁଝଙ୍କାର..

ମୁଁ ନିଶ୍ୱାସ ଝଡରେ ଧାଇଁଗଲି ନଦୀ ପାହାଡ ବିଲ ବନ

ଚିରନିର୍ବାଣ ଦେବାକୁ

ନିସଙ୍ଗ ଜୀବନ ବୈରାଗ୍ୟ ବ୍ୟଥା ବଇଁଶୀ ସ୍ୱନ..

ତୁମେବି ତ ନିର୍ଦ୍ୱନ୍ଦରେ ଅସରାଏ ବର୍ଷା ହୋଇ ଢାଳି ଦେଇଗଲ

ଖଣ୍ଡେ ହସରେ ଗାଢ଼୍ ରଙ୍ଗର ନିଶାସକ୍ତ ପ୍ରେମ..

ମୋ ମନ, ହୃଦୟ, ପ୍ରାଣର ନିର୍ଜନ ଇଲାକା ହେଲା

କୋଳାହଳମୟ..

ମନରେ ବିଜୁଳିର ବେଗ ବାନ୍ଧି ମୁଁ ଉଡିଲି ପ୍ରଜାପତି ଡେଣା ପିନ୍ଧି..

ମୋ ସ୍ୱପ୍ନ ସେପାରିରୁ ବଉଦ ଏପାରି ଯାଏଁ

ତୁମ ଆଖି୍ ନଜର ପରିସୀମା ପର ଯାଏଁ..

ଖୁବ୍ ଆବେଗରେ

ନନ୍ଦନବନୁ ସ୍ୱର୍ଗର ପାରିଜାତ ତୋଳିଲି..

ଭୂ-ପତିତ ହେବା ପରେ କିନ୍ତୁ ତୁମେ ତ ନଥିଲ..!!

ଥିଲା ଯାହା,

କୃଷ୍ଣଚୂଡା ଲାଲ୍ ଟହଟହ ପାଖୁଡାରେ

ତୁମ ଈଶ୍ୱରୀୟ ମାଦକତା ଭରା ଚେତନାର ଚେନାଏ ଲାଲ୍ ହସ..

*****

ଚକ୍ରଧରପୁର, କେନ୍ଦୁଝର

# ଅନ୍ୱେଷଣ

ସୁଧୀର କୁମାର ପଣ୍ଡା

ଇଏ ସେଇ ପ୍ରୀତି ନୁହଁ ଯାହାକୁ ମୁଁ ନେଇ ଦେଖେ ସ୍ୱପ୍ନ,
ଯାହା ପାଇଁ ସାରା ରାତି ଝୁରି ରହେ ଭାବରେ ନିମଗ୍ନ ।

ଇଏ ସେଇ ଢେଉ ନୁହଁ ଯିଏ ମଥା ପିଟେ ସୈକତରେ
ସାଗରର ମଧ୍ୟେ ଜନ୍ମ କୂଳ ଛୁଇଁବା ଆଗରୁ ମରେ ।

ଇଏ ସେଇ ଆଖି ନୁହଁ ଯା ଦେଖିକି ମନ ଥିଲା ଲାଖି
ଲୁହ ଯା'ର ନ ବାହାରି ଅନ୍ତରରେ ଯାଇଅଛି ଶୁଖି ।

ଇଏ ସେଇ ସ୍ୱପ୍ନ ନୁହଁ ଘୂର୍ଣ୍ଣାୟିତ ଯିଏ ତାରାମେଳେ
ଭାଙ୍ଗିଯାଏ ଅନ୍ଧାରରେ ଚିହ୍ନ ତା'ର ନଥାଏ ସକାଳେ ।

ଇଏ ସେଇ ମନ ନୁହଁ ଯାହା ଥିଲା କାଗଜର ନାଆ
ଓଲଟି ବୁଡିଛି ସିଏ ପାଇ ତୀବ୍ର ଅବେଳର ବାଆ ।

ଇଏ ସେଇ ଓଠ ନୁହଁ ଭାଷା ଯା'ର କଲା କିମିଆଁ
ନିରବତା ତା'ର ଆଜି ମନେ ଦିଏ ନିସ୍ତବ୍ଧର ଚିଆଁ ।

ଇଏ ସେଇ ଭାବ ନୁହଁ ଶବ୍ଦ ଯାହା ପାରିବ ଉତ୍ତାରି
ସତେକି ସେ ଜଳି ପୋଡି ଅସ୍ତିତ୍ୱ ତା, ଗଲାଣି କି ମରି ?

*****

ତୃତୀୟ ଗଳି, ମିନାକ୍ଷୀ ନଗର, ବ୍ରହ୍ମପୁର

# ଅଳସୀ ନଈଟେ ହୋଇ ବହିଯିବି

ତପସ୍ୱିନୀ ଦାଶ ଷଡଙ୍ଗୀ

ଅଳସୀ ନଈଟେ ହୋଇ

ବହିଯିବି ତୁମ ଭାବନା ରାଇଜେ ;

ଆସିବ ଯେବେ ଭାବପ୍ରବଣତାର ମଳୟ

ଛୁଇଁ ଯିବ ମୋ ନଦୀର ଜଳକୁ

ଶିହରଣେ ଶିହରୀତ ହୋଇଯିବ ମୋ ମନ ଆଉ ଦେହ ।

ଅଳସୀ ନଈଟେ ହୋଇ ବହିଯିବି

ତୁମ ହୃଦୟ କାନନ ମଧ୍ୟ ଦେଇ ;

ଶୁଷ୍କ ଯେବେ ହୋଇଥିବ କାନନ ଭିତର

ବନ୍ୟା ହୋଇ ଦୂର କରିବି ତାହାର ଶୁଷ୍କତା ।

ଅଳସୀ ନଈଟେ ହୋଇ ବହିଯିବି

ତୁମ ମନ ମରୁଭୂମିରେ,

ତୃଷାର୍ତ୍ତ ପଥଚାରୀ ହୋଇ ଆସିବ ଯେବେ ମୋହର ପାଶକୁ

ଆଞ୍ଜୁଳାଏ ପାଣି ତୁମ କରିବ ତୁମ ତୃଷ୍ଣା ଦୂରୀଭୂତ ।

ଅଳସୀ ନଈଟେ ହୋଇ ବହିଯିବି ମୁଁ

ତୁମେ ଥିବ ସାଗରର ଢେଉ ;

ମିଳନ ହେବ ତୁମର ଆଉ ମୋର

ସେହି ମୁହାଣର ବେଳାଭୂମି କୂଳେ

ସାକ୍ଷୀ ଥିବ ଜହ୍ନରାତି ଜୋଚ୍ଛନା ଭରା ଆକାଶ ।

*****

ବେଙ୍ଗାଲୁରୁ

# କଳା ଗୋସାଇଁ

ସୁନିତା ବାରିକ

ରାଧାମୋହନ ହେ ରାଧାମୋହନ

ରାଧା ଭାବ ନାହିଁ ମୋର

ନାହିଁ ମୀରା ଭାବ,

କେଉଁ ଭାବରେ ଡାକିବି କୁହ

ହେ ରାଧାମାଧବ...

ଜଗତରେ ହୁରି ପଡେ ତୁମେ ଭାବଗ୍ରାହୀ

କେଉଁ ଭାବରେ ଡାକିଲେ,

ତୁମ ହୃଦକୁ ଛୁଇଁବି

ଜାଣେ ନାହିଁ ପୂଜାର୍ଚ୍ଚନା ମନ୍ତ୍ରବିଧି ପରା

କେମିତି ଡାକିଲେ କୁହ

ଶୁଣିବ ମଣିମା ।

ତୁମ ବଡ଼ଦାଣ୍ଡ ଆଉ

ତୋ ବଡ଼ଦେଉଳ ;

ତୋ ରଥଦଉଡି କହ କେମିତି ଛୁଇଁବି

ଦାସିଆର ଭାବ ନାହିଁ

ନୁହେଁ ମୁଁ ମାଣିକ,

କେମିତି ପାଇବି ତୁମକୁ

କୁହ ହେ ରାଧାମାଧବ ରାଧାମାଧବ ।

ଏ ଜନମେ କେତେ

ପୁଣ୍ୟ ପାପ ଅରଜିଛି

ତାହାର ହିସାବ କିବା

ମୋ ପାଖରେ ଅଛି,

ତଥାପି ଗୁହାରି ଶୁଣ

ହେ କଳା ଗୋସାଇଁ

ତୁମ ନାମ ବିନା ତୁଣ୍ଡେ

କିଛି ପଶୁ ନାହିଁ,

ଦୋଷ ଅପରାଧ କ୍ଷମା

କରିବ ହେ ନାଥ

ତୁମ ପାଦପଦ୍ମେ ସଦା

ଚିତ୍ତଧ୍ୟାୟୀ ଥାଉ,

ତୁମ ବିନା ଗତି ମୁକ୍ତି

ନାହିଁ ପରା ଆନ

ତୁମ ଶ୍ରୀଚରଣ ସେବି

ଯାଉ ମୋ ଜୀବନ ।

*****

ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ

# ପରିତ୍ୟକ୍ତା

ତମନ୍ନା ନନ୍ଦ

ପୋଷା କୁକୁର ସଦୃଶ ସେ ଅତୀତ
ବାରମ୍ବାର ବାରଣ କରିବା ସତ୍ତ୍ୱେ,
ମନର କବାଟକୁ ଭାଙ୍ଗିଦେଇ
ଅବାଞ୍ଛିତ ପ୍ରବେଶ କରି ହୁଏ ସ୍ମରିତ ।

ସେଦିନ ଭାବ ଥିଲା ନିଃସଙ୍ଗ
କାରଣ ଶବ୍ଦ ଥିଲେ ରୋଗାକ୍ରାନ୍ତ,
ନିରବ ରହି ପରସ୍ପର ପରସ୍ପରଠାରୁ
ହୋଇଥିଲେ ବୋଧହୁଏ ପରିତ୍ୟକ୍ତ ।

ତଥାପି ସେ ଅବିରତ ଭାବେ ଭିଜିଥିଲା
ଶ୍ରାବଣର ବର୍ଷା ସହ ଭିନ୍ନ ଏକ ବର୍ଷାରେ,

ରଙ୍ଗାୟିତ ହୋଇଥିଲା ତା ଶରୀର

ଫଗୁଣର ରଙ୍ଗ ସହ ଅନ୍ୟ ଏକ ରଙ୍ଗରେ ।

କିନ୍ତୁ ତା'ର ଓଦା ଶରୀର ଓ ଭିଜା ମନ

ଶୁଷ୍କ ହୋଇଯାଇଥିଲେ ସେହି ମରୁଭୂମି ବାଲିରେ,

ଯେଉଁଠାରେ ତାହାର ଅପୂର୍ଣ୍ଣ ଅଭିଳାଷ ଗୁଡିକ

ରୁଷି ଯାଇ, ମୁହଁ ଫୁଲାଇଥିଲେ ଅଭିମାନରେ ।

ସବୁତକ ବିଶ୍ୱାସ ହୋଇଥିଲେ

ବିଶ୍ୱାସଘାତକତା ରଙ୍ଗରେ ରଙ୍ଗାୟିତ,

ଭାବନାର ଅଳଙ୍କାରରେ ସଜେଇ ହୋଇ

ସେ ହୋଇଥିଲା ଯେ ସୁନ୍ଦର ଭାବେ ସଜ୍ଜିତ ।

ହେଲେ ବାସ୍ତବତାର ଦର୍ପଣରେ

ସେ ଦେଖିଥିଲା ଭିନ୍ନ ଏକ ନିଜସ୍ୱ ରୂପ,

ଯେଉଁଠାରେ ପ୍ରତ୍ୟେକଟି ଅଳଙ୍କାର

ହୋଇଯାଇଥିଲା ସେଦିନ ଚୂର୍ଣ୍ଣୀଭୂତ ।

ମନର ବେଦିରେ କଳ୍ପନାର ସିନ୍ଦୂର ପିନ୍ଧି
ସେ ହୋଇଥିଲା ଯେ ସେଦିନ ବିବାହିତା,
କିନ୍ତୁ ସେ ଛଳନାର ପରିଧିକୁ ନ ମାପି ପାରିବା
ଥିଲା ଯେ ତା'ର ସବୁଠାରୁ ବଡ ଅସଫଳତା ।

ନାମକୁ ମାତ୍ର ହୋଇଥିଲା ସେ ବିବାହିତା
ବାସ୍ତବରେ ଅପୂର୍ଣ୍ଣ ରହିଲା ବିବାହ ପ୍ରକ୍ରିୟା,
ଯେବେ ସ୍ୱାମୀ ସ୍ଥାନରେ ବସିଥିବା ଆତ୍ମାଠାରୁ
ହୋଇଯାଇଥିଲା ସେ ନିରୀହ ଜୀବନ ପରିତ୍ୟକ୍ତା ।

*****

ପାନ୍ଧଡା, ମୟୂରଭଞ୍ଜ

# ଜୀବନ

ରଞ୍ଜିତା ଦାସ

ରାଗ ଅଛି, ସ୍ନେହ ଅଛି ଆଉ ପ୍ରେମ ବି,

ଭରସା ଅଛି, ବିଶ୍ୱାସ ଅଛି ଆଉ ଅଭିମାନ ବି,

ଜିଇଁବାର ସ୍ପୃହା ଅଛି,

ପୁଣି କଣ୍ଟକିତ ରାସ୍ତାରେ ଚାଲିବାକୁ

ଏ ମନ କୁଣ୍ଠିତ ଅଛି ।

ତଥାପି ଚାଲିଛି ଏ ଜୀବନ,

ଚାଲିଛି ଏ ପାଦ,

ସମୟର ତାଳେ ତାଳେ,

ପୁଣି ସମୟର ସୁଅରେ ।

ସମୟର ଦାସୀ ମୁଁ,

ତା' ଇସାରାରେ ନାଚୁଛି

ଏ ଦେହ, ମନ ଆଉ ପ୍ରାଣ ।

ହେଲେ ସବୁବେଳେ ପାରେନି,

ଥକି ଯାଏ ମୁଁ...

ବସି ଯାଏ ମୁଁ...

ପୁଣି ହାରୁ ହାରୁ ଦମ୍ଭ ଧରିନିଏ ।

"ଏଇତ ଜୀବନ"

ପୁଣି ବିଶ୍ୱାସରେ ବନ୍ଧା ଏ ନିଶ୍ୱାସ

ମତେ କେବେ ପର କରିଚାଲିଯିବ,

ଜାଣିନି !!

ତଥାପି ଚାଲୁଛି ମୁଁ,

ଚାଲିଛି ଆଉ ଏଇମିତି ଚାଲୁଥିବି,

ଆଉ ହଁ ଏମିତି ହିଁ ଚାଲିଯିବି କିଛି ବାଟ ।

'ଏଇତ ଜୀବନ' ।

*****

ନିଟ୍, ରାଉରକେଲା

# ଏତେ ବ୍ୟସ୍ତ କାଇଁ ପାଇଁ

ଅବିନାଶ ପ୍ରଧାନ

ଧୀରେ ଧୀରେ ଟିକେ ଚାଲ୍ ରେ ସମୟ
ଏତେ ବ୍ୟସ୍ତ କାଇଁ ପାଇଁ,
ଥକି ପଡୁଛି ମୁଁ ଜୀବନ ରାସ୍ତାରେ
ଏତେ ଶୀଘ୍ର ଧାଇଁ ଧାଇଁ ॥

ଚୋରେଇ ନେଲୁତୁ ମୋ ପିଲା ଦିନକୁ
ହସ ଖୁସିରେ ଯେ ଥିଲା ଭରି,
ଗୁହାରି କରୁଛି ଫେରେଇ ଦେ ତୁ
ମନେ ପଡେ ମୋର ଭାରି ॥

ଭଲଥିଲା ଭାରି ମୋ ପିଲା ଦିନର
ଭାତ ରନ୍ଧା-ରୁନ୍ଧି ଖେଳ,

ମିଛରେ ମିଛରେ ହେଇ ଯାଇଥିଲା
ଭାତ ତରକାରୀ ଝୋଳ ॥

ଭାରି ମନେ ପଡେ ଆଈମା କାହାଣୀ
ସାଙ୍ଗ ସାଥୀଙ୍କ ସେ ମେଳ,
ଆଈମା ଅଛନ୍ତି କାହାଣୀ ବି ଅଛି
ଶୁଣିବାକୁ ନାହିଁ ବେଳ ॥

ଭାରି ଡର ଲାଗେ କାଳେ ଝୁଣ୍ଟି ଯିବି
ତଥାବି ମୁଁ ରହି ନାହିଁ,
ଆଖି ପିଛୁଳାକେ ସରିଯାଏ ଦିନ
ଏତେ ବ୍ୟସ୍ତ କାଇଁ ପାଇଁ ॥

ବ୍ୟସ୍ତତା ବହୁଳ ଜୀବନ ଭିତରେ
କିଛି ଭଲ ଲାଗୁନାହିଁ,

ଧୀରେ ଧୀରେ ଟିକେ ଚାଲ୍ ରେ ସମୟ
ଏତେ ବ୍ୟସ୍ତ କାହିଁ ପାଇଁ ॥

ଏତେ ବ୍ୟସ୍ତ କାହିଁ ପାଇଁ...

*****

ବାଲେଶ୍ୱର

# ମେଘ ଆଣେ ସ୍ମୃତି

ମଞ୍ଜୁଲତା ସିଂ

ମେଘ ମେଦୁର ଆକାଶରୁ

ଯେବେ ବର୍ଷା ଝରେ...

ସମୟର ପାହାଚରେ ପାଦ ଦେଇ

ସ୍ମୃତି ମୋର ଫେରି ଆସେ

ସାତ ସାଗର, ତେର ନଈ ଡେଇଁ

ସ୍ମୃତି ମୋତେ ଓଦା କରେ ବର୍ଷାଠାରୁ ବେଶି...

ଭୋଦେଇ ସଞ୍ଜର ଜହ୍ନ,

ଭାସୁଥିବା ମେଘଖଣ୍ଡର ପଟୁଆର,

ପୁବେଇ ପବନର ଶିହରଣ ଠାରୁ

ସୁନ୍ଦର ମୋ ସ୍ମୃତି...

କେବେ ଭିଜାଭିଜା ଜହ୍ନରାତି ପରି..

କେବେ ବର୍ଷାପାଣିରେ ଭାସି ଯାଇଥିବା କେଉଁ ଲବଙ୍ଗ ଦ୍ୱୀପକୁ

ସ୍ୱପ୍ନଭର୍ତ୍ତି କାଗଜର ଡ଼ଙ୍ଗା ପରି...

କେବେ ପୁଣି କୃଷ୍ଣଚୂଡ଼ାର ନାଲି ପାଟ ପଣତ ପରି... ମନଲୋଭା..

କେବେକେବେ ବର୍ଷା ଓଦା କଲେ ମୋତେ..

ମୁଁ ଆଉ ମୁଁ ହୋଇ ନ ଥାଏ...

ମୋ ଭିତରେ ଉଙ୍କି ମାରେ ବର୍ଷାଭିଜା

ଝିଅଟିଏ.. ନାଚୁଥାଏ ଚପଳ ଛନ୍ଦରେ..

ବର୍ଷାର ଜଲସାରେ..

ଓଦାଓଦା କାଦୁଅ ଛିଟାରେ ଜୁଡୁବୁଡୁ ଦେହରେ...

କେବେ ରାଗୁଥାଏ.. କେବେ ରୁଷୁଥାଏ.. କେବେ କିଛି ମାଗୁଥାଏ..

ସଞ୍ଜୀବତୀ ଜାଳି ଶ୍ରାବଣ ସଞ୍ଜରେ

ଲୁହରେ ଭିଜୁଥାଏ ଆଶୀର୍ବାଦ ଯେତେ ଦୁଇ ପାପୁଲିରେ...

ବିଜୁଳିର ଚମକରେ ମୁଁ ଫେରେ ପୁଣି

ମୋ ଭିତରକୁ.. କିଛି ତ ନଥାଏ...

ଖାଲି ସ୍ମୃତି ଆଉ ସ୍ମୃତି..

ମେଘଠାରୁ, ଜହ୍ନ ଠାରୁ,

ଉଡିଯାଉଥିବା ପକ୍ଷୀ ଆଉ ପ୍ରଜାପତିଠାରୁ... ମୋ ସ୍ମୃତି ସୁନ୍ଦର..

ଥାଉ ପଛେ ଯେତେ ଲୁହ,

ଥାଉ ପଛେ ଯେତେ କୋହ

ପ୍ରତିଥର ବର୍ଷା ଆଣୁ ଏମିତି ମୋ ସ୍ମୃତିକୁ ସାଉଁଟି... ବାର ବାର...

*****

ଭୁବନେଶ୍ୱର

# ନାରୀ ଏକ ସମାଜର

ବକୁଳମାଳା ମହାନ୍ତି

ମୁଁ ନାରୀ ଏକ ସମାଜର କେବେ ଦରକାରି ତ

କେବେ ଅଦରକାରି,

କେବେ ପ୍ରେରିତା ତ କେବେ ଅପହରିଣୀତା

କେବେ ଫୁଲର ବାସ୍ନା ହୋଇ ଟେବୁଲରେ ସଜ୍ଜା ତ ;

କେବେ ଗାଁର ମଲ୍ଲୀ ହୋଇ ଝଡିଯାଏ ଗାଁରେ,

ମୁଁ ନାରୀ ଏକ କିମ୍ବଦନ୍ତୀ ସୀତା,ସାବିତ୍ରୀର ତ

କେବେ ମହାଭାରତ ପୁରାଣର ବିବସ୍ତ୍ରା ଦ୍ରୌପଦୀର କାହାଣୀ ମୁଁ,

ନାରୀ ଏକ ସମାଜର ଗାନ୍ଧୀ ନୀତି ସୃଷ୍ଟିର ଇନ୍ଦିରାଗାନ୍ଧୀ ତ ;

କେବେ ପୁଣି ଲକ୍ଷ୍ମୀବାଈ ମହିୟସୀ,

ମୁଁ ନାରୀ ଏକ ସମାଜର କେବେ ପତିବ୍ରତା ତ ;

କେବେ ଶକୁନ୍ତଳା ଦୁଷ୍ମନ୍ତର ଉଦାହରଣ ;

କେବେ ହିଂସାର ଜବାବ ଫୁଲନବାଈ ତ ;

କେବେ ଦାସୀ ଶର୍ମିଷ୍ଠାର ରାଜାରାଣୀର ଉପାଖ୍ୟାନ,

ମୁଁ ନାରୀ ଏକ ସମାଜର, ଏକ ଦୃଢ ମେରୁଦଣ୍ଡ

କେବେ ମେରୁଦଣ୍ଡ ବିହୀନ ପ୍ରାଣୀ

କେବେ ଲକ୍ଷେ ହୀରା ବେଶ୍ୟାର ଉପାଖ୍ୟାନ ;

କେବେ ହିନ୍ଦୁନାରୀର ବଧୂଲୀମା...

*****

ବେରବୋଇ, ଡେଲାଙ୍ଗ, ପୁରୀ

# ଜୀବନ ରଥ

ନୂତନ କୁମାର ବେହେରା

ଏଇ ଜୀବନଟା ଏକ ରଥ,

ଶରୀରଟା ହୁଏ ଯେବେ ନନ୍ଦିଘୋଷ

କର୍ମ ତା'ର ବଡଦାଣ୍ଡ ନୟନର ପଥ ।

ଇନ୍ଦ୍ରିୟ ସବୁ ଏ ରଥର ଏକ ଏକ

ଅଟନ୍ତି ଅଂଶ ବିଶେଷ,

ମନ ରୂପକ ଦଉଡି ଟାଣୁଥାଏ ତାକୁ

ଦେଇ ଭରସା ବିଶ୍ୱାସ ।

ହୃଦୟ ଅଟଇ ରତ୍ନ ସିଂହାସନ

ଆତ୍ମା ଅଜର ଅମର ଜଗନ୍ନାଥ,

ଜୀବପରମର ସଂପର୍କ ଭୁଲି ସେ

ହୁଏ ଅସହାୟ ଅନାଥ ।

ସଂସାର ସାଗରେ ମୋହର ହିଲ୍ଲୋଳେ
ଅଥୟ ହୁଏ ମନୋରଥ,
ବିଷୟା ବିଷକୁ ଅମୃତ ମଣି
କରୁଥାଏ ଅନାୟାସେ କେତେ ଶପଥ ।
କାମନା ବାସନା ରଥ ଯାତ୍ରାର ଗହଳି
ନୀରବ ଭାବନା ସବୁ ତାର କୋଳାହଳ,
ଦୁନିଆଁ ବଜାରେ ଭାବ ବିକାକିଣା କରେ
ଲଗାଇ ପ୍ରବଳ ଗହଳ ଚହଳ ।
ଜୀବର ଶରୀର ଅଟଇ ଶ୍ରୀମନ୍ଦିର
ଶୋଭା ସାଜସଜ୍ଜା ତା'ର ରୂପଚର୍ଯ୍ୟା,
ଅତିଥି ହୋଇ ନିମିତ୍ତ ମାତ୍ରକୁ ଆସିଛି
ସଂସାରର ମାଉସୀ ମାଆ ଗୁଣ୍ଡିଚାଙ୍କ ଗୃହେ
ନାନା ଉପଚାରେ ହୁଏ ପରିଚର୍ଯ୍ୟା ।
ଜୀବନରୁ ଜୀବ ଚାଲିଗଲେ
ସରିଯାଏ ତାର ରଥଯାତ୍ରା,

ପ୍ରାଣର ଆରାଧ୍ୟ ଦେବତା ବଡ଼ଠାକୁର

ବିଧିର ବିଧାନେ ତାଙ୍କ ପୂଜା ଆରାଧନା

ବଢାଏ ତା'ର ସଂସ୍କାରର ମାତ୍ରା ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ମଣିଷ ଜୀବନ

ଅକ୍ଷୟ କୁମାର ବେହେରା

ଅଢେଇ ଦିନ ଏ ମଣିଷ ଜୀବନ

ଏନ୍ତୁଳି ଶାଳରୁ ଜୁଇ,

ଏ ଭବ ସଂସାର ସବୁଠୁ ବିଚିତ୍ର

ନୁହେଁ କାହା ପାଇଁ କେହି ।୧।

ଏକା ଏ ସଂସାରେ ଆସିଛୁ ଧନରେ

ଆଣି ନାହୁଁ ଏଠି କିଛି,

ଗଲା ବେଳେ ଭାବୁ ନେଇ ଯିବୁ ସବୁ

ସଞ୍ଚୟ ଯାହା ତ ଅଛି ।୨।

ଯେତେ ଟଙ୍କା ସୁନା ସାଥେ ତ ଯିବନା

ଜାଗା ବାଡି ରହି ଯିବ,

ତୋ ରକ୍ତ ସନ୍ତାନ ନୁହେଁ ତୋର ଜାଣ
ଶ୍ମଶାନୁ ଫେରି ଆସିବ ।୩।

ଦଶଦିନ ଯିବ ପତ୍ନୀ ବି ଭୁଲିବ
ଲୋଡିବ ଶଂଙ୍ଖା ସିନ୍ଦୁର,
ମଲାଗଲା ବୋଲି ମନୁ ଯିବେ ଭୁଲି
ସଭିଏଁ କରିବେ ପର ।୪।

ବଞ୍ଚିଥିବା ଯାଏଁ ତୁ ପାଗଳ ପ୍ରାୟେ
କାହିକି ହେଉଛୁ ବାଇ,
ଧର୍ମ-କର୍ମ କରି ପୁଣ୍ୟ ଥିଲେ ଭରି
ଈଶ୍ୱର ନେବେ କୋଳେଇ ।୫।

*****

କେନ୍ଦୁଡିହା, ବଡସାହି, ମୟୂରଭଞ୍ଜ

# ଜୀବନ ପଥ

ଦୀନବନ୍ଧୁ ପୋଇ

ଜୀବନ ରାସ୍ତାରେ ବୃଥା ଅହଂକାର
କାହିଁକି ରଖୁଛ କୁହ,
ଜୀବନରେ ଯଦି ଭଲ କାମ କର
ଢ଼ାଳି ଦେବେ ଜନେ ଲୁହ ।୧।

ଅଢେଇ ଦିନର କାମ ଶେଷ ପରେ
ଜୁଇରେ ଜଳିବ ଦେହ,
ଜନମ ମରଣ ଦୁଇ ଶବଦର
ମଝିରେ ହିସାବ ମୋହ ।୨।

ପଞ୍ଚଭୂତ, ପଞ୍ଚଭୂତରେ ମିଶିବେ
ଆତ୍ମା ଖୋଜେ ନୂଆ ଘଟ,
ଜ୍ଞାତି କୁଟୁମ୍ବଏ ଚିତାଗ୍ନି ସରିଲେ
ବୁଲାଇବେ ନିଜ ପଟ ।୩।

ନିଜ ଘଟେ ଥିବା ପରମାତ୍ମା ଚିହ୍ନି
କରୁଥିଲେ କର୍ମମାନ,
ପଶୁପକ୍ଷୀ ମଧ୍ୟ ପ୍ରଣାମ କରିବେ
ପାଉଥିବେ ଦରଶନ ।୪।

*****

ଶିକ୍ଷକ, ବିଶ୍ୱେଶ୍ୱର ନୋଡାଲ
ଉଚ୍ଚ ବିଦ୍ୟାଳୟ ମୁଣ୍ଡେଇଲୋ,
ପର୍ଜଙ୍ଗ, ଢେଙ୍କାନାଳ

# ଏ ନିର୍ମମ ଯୁଗ

ହୃଦୟାନନ୍ଦ ପଧାନ

ଏଠି ଖାଲି ଚାକଚକ୍ୟ ରଙ୍ଗର ଭଣ୍ଡାର
ଏ ଦୁନିଆଁ ବାଲିଘରେ ସମସ୍ତେ ହୁଣ୍ଡାର ।
ନାହିଁ ଏଠି ସ୍ନେହ-ପ୍ରେମ-ମାୟା ବା ମମତା
ଠକ, ଭଣ୍ଡ, ବଳାତ୍କାର ମିଥ୍ୟାର ପୂର୍ଣ୍ଣତା ।
କାହିଁ ସେଇ ରାମଚନ୍ଦ୍ର କାହିଁ ବା ଲକ୍ଷ୍ମଣ
ଭାଇ ଭଗାରୀର ଏଠି ହୋଇଛି ମିଳନ ।
ସମ୍ମାନର ମୂଲ୍ୟବୋଧ ଜଣାନାହିଁ ଏଠି
ନବଯୁବା ଶିଖ୍ ନାହିଁ ସମ୍ମାନତା ସଠି ।
ମିଥ୍ୟାକୁ କରିଛି ତା'ର ହୃଦୟର ଭାଷା
ତା ବିନା ବଞ୍ଚିବିନି ଏଇ ନବବେଶା ।

କଳାକୁ କରୁଛି ଧଳା ଏ ଯୁଗ ମଣିଷ
ସବୁ ସେଇ ଅସତ୍ୟର ଗୃହ କାରାବାସ ।
କାହିଁ ବା ମିଳିବ ସତ୍ୟ ସେ ସତ୍ୟ ଯୁଗର
ସତ୍ୟ ନାହିଁ ସତ୍ୟ ନାହିଁ ମିଥ୍ୟାର ଭଣ୍ଡାର ।
ଆଧୁନିକେ ମିଳିବନି "କୃଷ୍ଣ-ରାଧା" ରସ
ବିଲୁପ୍ତ ହେଲାଣି ଏଠି ପ୍ରଭୁଙ୍କର ରାସ ।
ମୁଁ ଏଠି ଦେଖୁଛି ଆଜି ଲକ୍ଷ ଲକ୍ଷ କୃଷ୍ଣ
ଦାଣ୍ଡେ ଦାଣ୍ଡେ ବୁଲୁଛନ୍ତି ଧରି ରାଧା ଗଣ ।
କାହିଁ ପ୍ରେମ ତାଙ୍କ ମଧ୍ୟେ ସେ ମାନେ ସ୍ୱାର୍ଥାନ୍ଧ
ଏକେକୁ ଆରେକେ ଟାଣି ଦହିକରେ ଅନ୍ଧ ।
ସ୍ୱାର୍ଥରୂପି ଯବନିକା ହୋଇ ଅଛି ଟଣା
ଯୁବାଗଣ ପଡି ଫାନ୍ଦେ ଆଜି ବାଟ ବଣା ।
ଦୁର୍ନୀତିର ଅତ୍ୟାଚାରେ ପୂର୍ଣ୍ଣ ଏ ଜଗତ
ନରହତ୍ୟା ବଢ଼ିଲାନି କେତେ ଶତ ଶତ ।

ଧର୍ମ ନାହିଁ ଏ ଜଗତେ  ଅଧର୍ମ ମନ୍ଦିର

ବୁଦ୍ଧ-ଯୀଶୁ କାହିଁ ବା ସେ ରାମ ଅବତାର  ।

ବିଲୁପ୍ତ ହଉଛି ଏଠି ଧର୍ମ ଅନୁଷ୍ଠାନ

ଅନ୍ୟାୟର ବଶବର୍ତ୍ତୀ ରାଜନୀତି ପୂର୍ଣ୍ଣ  ।

ଚାହେଁ ନା ମୁଁ ଦେଖିବାକୁ ଏ ଅନ୍ୟାୟ ଜଗତ

ଶୀଘ୍ର ଆସ ଶୀଘ୍ର ଆସ ଧରି ତବ ରୂପ  ।

ଅଧର୍ମକୁ ନାଶି କର ଧର୍ମ ସଂସ୍ଥାପନ

ଯୁଗେ ଯୁଗେ ସୃଷ୍ଟିକର ଅନ୍ୟାୟେ ବିର୍ଦ୍ଦନ୍ନ  ।

କେବେ ପୁଣି ଅନ୍ତ ହେବ "ଏ ନିର୍ମମ ଯୁଗ"

ପୁଣି କିବା ସତ୍ୟ ଯୁଗ ଲେଉଟି ଆସିବ  ।

*****

ଅମରପାଲି, ବିରମହାରାଜପୁର

ସୁବର୍ଣ୍ଣପୁର

# ଶୀର୍ଷକରୁ ଅନୁଶୀର୍ଷକରେ

ଅଲେଖ ଚନ୍ଦ୍ର ବେହେରା

ହେ ରାଧେ !

ତୋ ଝୁମୁକା ବାଜୁନି ଯମୁନାରେ କାଇଁ ? କୋଇଲି କଦମ୍ବେ ଗାଏନା !

କେଉଁ ବେଣୁବିନ୍ଧେ, ମୋ ବାଶୁଂରୀ ସୁର ! ଲୁଚିଛି ମୁଁ ଖୋଜି ପାଏନା !

ଆଙ୍ଖାଚକ୍ରେ ଖେଳିଯାଏ, ଗମ୍ଭୀର ବେଦନା !

ବାନ୍ଧବୀରେ !

ବଣମଲ୍ଲୀ ସାଥେ ପଳାଶ କୁସୁମ, ତୁଳସୀ ବାସିଲା ଆଜି !

କୁଞ୍ଜବନ କିନ୍ତୁ ମଉଳି ପଡିଛି, ମୁଁ କାରଣ ପାଉନି ଖୋଜି...

କାହାର ଏ ଆଖିଦୁଇ ? ଯାଇଛି ଯେ ଭିଜି !

ହେ ପ୍ରିୟେ !

ସ୍ମୃତି ଝାଉଁବଣେ ତୁମ ପଏଂରିର, ଘୁଙ୍ଗୁର ଶବଦ ଭାସୁଛି,

ଚାନ୍ଦକୁ ଚକୋରି ନୃତ୍ୟରତ ଜ୍ୟୋସ୍ନା, ପଦ୍ମପତ୍ରେ ଚିତ୍ର ଆଙ୍କୁଛି ।

କି ସୁନ୍ଦର କରଦ୍ୱୟ ! କି ଭଙ୍ଗୀରେ ଥୋଇଛି...

ହେ ରାଧେ !

ଲୁଚିଗଲା କିବା ପାହାଡ ସେପାଖେ, ଅମ୍ବରରୁ ରବି ଖସି

ଦିନ ରାତି ଏଠି ଅନ୍ଧକାର, ଚନ୍ଦ୍ରେ ଗ୍ରହଣ ଗଲା କି ଗ୍ରାସୀ !

ମୁକୁଳା ପାଦରେ ମନ ହୁଏ ବନବାସୀ...

ଭାବନାର !

ଶୀର୍ଷକରେ ଅବା ଅନୁଶୀର୍ଷକରେ, ଆଶା ଗଭୀରତା ଆଣେ,

ଅବା ଅତୀତର ସ୍ୱପ୍ନିଳ ବାସ୍ତବ, ନିଝୁମ୍ ରାତିରେ ବୁଣେ

ବଂଇଶୀ ଅଗରେ, ଉଆସ ଉପରେ, ମଉନରେ ଗାର ଟାଣେ !

*****

ଅଙ୍ଗାରବନ୍ଧ, ଅନୁଗୁଳ

# ବର୍ଷା

କୃଷ୍ଣ ଚନ୍ଦ୍ର ଡାକୁଆ

ବରଷା ପାଣିର
ପ୍ରଥମ ସ୍ପର୍ଶରେ,
ମନ ମୋ ଲାଗୁଛି
କାହିଁ ମୁଁ ପାଇଯିବି
ଆଜି ରାତିରେ
ମୋ ମନ
ଅଭିଳାଷ ସବୁ କିଛି,
ବହୁ ଦିନ ହେଲା
ଅପେକ୍ଷା କରି ବସିଥିଲି
ଏମିତି ଲାଗୁଛି
ଆଜି ମୁଁ ପାଇଗଲି ସବୁକିଛି,

ବହୁ ଦିନ ପରେ
ଆଷାଢ ଆକାଶୁ
ଆସିଅଛ ତୁମେ
ପୂରଣ କରିବ
ମୋ ହୃଦ ବେଦନା ଦେଖି,
ମୁଁ ତ ପାଗଳ
ତୁମରି ଛୁଆଁରେ
ଆଜି ହୋଇଗଲି ବୋଧେ
ପ୍ରେମିକ ପ୍ରବର ପ୍ରେମ କବି !

*****

କରଚୁଲି, ଗଞ୍ଜାମ

# ହୃଦୟ ଫାଙ୍କରେ ରହିବ ବୋଲି

ରବୀନ୍ଦ୍ର ମାହାଲି

କଣ କହି ତୁମ ଘରୁ

ତୁମକୁ ମୁଁ ମାଗି ଆଣିବି,

କି ବିଶ୍ୱାସ ଦେଇ କହିବି

ନୀଳ ଆକାଶରୁ ଜହ୍ନ କିଣିବି ?

କେବେ ଆସିବ ଗୋ କୁହ,

ବୋହୂରାଣୀ ବେଶକରି

ଜହ୍ନ ରାଇଜରେ ରହିବାକୁ ଘର କରି

ପ୍ରେମ ପଥେ ଆମେ ବାଟୋଇ ହୋଇବା

ଏକାଠି ଗୋ ଯିବା ମରି,

ତୁମେ ମୁଁ ମିଶି ପୁଷ୍ପିତ ପଥରେ

ଚାଲୁଥିବା ହାତଧରି..

ରାତି ଅଧରେ ମୁଁ ସପନ ବିକି,

ତୁମ ଆସିବା ବାଟକୁ ଦେଖୁଛି

ସତ ନା ଏ ମିଛ

ଗୋଲାପି କଲମରେ

ଆମ ପ୍ରେମ କାହାଣୀ ଲେଖୁଛି ।

ତୁମେ ନାହଁ ବୋଲି,

ମନ ଫଗୁଣ ବି ଫିକା ପଡ଼ିଛି

ଆସିବ ଯଦି କହ ଗୋ ପ୍ରିୟା

ଏ ମନ ପଞ୍ଝୁରୀ ଖୋଲା ରହିଛି ।

*****

ବସନ୍ତପୁର, ବାଙ୍ଗିରିପୋଷି,

ମୟୂରଭଞ୍ଜ

# ପୁଣି ଫେରିବ

ଧିରେନ ବାଗ

ଜାଣେନା
କିନ୍ତୁ ତମେ ଫେରିବ
ପୁଣି ଥରେ,
ଆଦ୍ୟ ବସନ୍ତର ମଳୟେ
ଅବା ରିମ୍ ଝିମ୍ ବରଷାର ତାଳେ
ଆଉ ଶୀତ ସକାଳର ଟିପ୍ ଟିପ୍
କାକର ବିନ୍ଦୁରେ ।
କାହିଁ କେଉଁଦିନୁ ତୃଷିତ ସାଜି
ମୁଁ ଯେ ଅପେକ୍ଷାରତ
ତମ ସହ ମିଶି
ତମକୁ ସ୍ପର୍ଶ କରିବି ॥
ଆସିକି ଶୁଣିବ ପୁଣିଥରେ
ଧକ୍ ଧକ୍ କରୁଥିବା ମୋ
ହୃଦୟର ଯନ୍ତ୍ରଣା
ଆଉ ଅଧୁରା ରହିଥିବା କାହାଣୀ,
ତମ ବିନା ଏ ଜୀବନ
କେମିତି ବୈଶାଖର
ଡହ ଡହ ଖରାରେ ମଳିନ ପଡି
ରଙ୍ଗହୀନ ହେଇ ଏକା ବସିଛି ॥

*****

କୁଳିଅଣା, ମୟୂରଭଞ୍ଜ

# ସ୍ମୃତି

ରମେଶ ଚନ୍ଦ୍ର ବେହେରା

ମନେ ପଡୁଅଛି  ସାଥୀମାନେ ଆଜି
ପାଠପଢା ବେଳର କଥା
ସମୟେ ଆସିବା   ସମୟରେ ଯିବା
ଥିଲା ସେତ ଆମରି ଚିନ୍ତା  ।୧।
ଧାଡି ଧାଡି ହୋଇ  ଏକକ ସ୍ୱରରେ
ପ୍ରାର୍ଥନା କରୁଥିଲେ ଆମେ
ପାଠବେଳେ ପାଠ  ଖେଳବେଳେ ଖେଳ
ହସ ମଜାଗ କେତେ ଜମେ  ।୨।
ଦଶମଶ୍ରେଣୀର   ଶେଷ ପରୀକ୍ଷାର
ସ୍ମୃତିକୁ ବା ଭୁଲି ହେଉଛି

ଆପଣା ମଧ୍ୟରେ ଆଲୋଚନା ହୁଏ

ସେହି କଥା ମନେ ରହିଛି ।୩।

ଏକାଠି ବସିକି ଖାଇବାର ମଜା

କେତେ ଯେ ଆନନ୍ଦ ଲାଗଇ

କିଏ ମାଗେ ଲଙ୍କା କିଏ ବା ପିଆଜ

ଖାଉଥିଲେ ଆମେ ଚୁରାଇ ।୪।

ସମୟ ଚକରେ ଦିନ ଗଡିଗଲା

ଉଚ୍ଚ ଶିକ୍ଷିତ ଯେ ହୋଇଲା

ଯିଏ ନ ପଢିଲା ନିଜ କାମ କଲା

ଭାଗ୍ୟକୁ ସାଥିରେ ରଖିଲା ।୫।

ବ୍ୟସ୍ତତା ଭିତରେ ସମୟ ଗଡ଼ିଲା

କେହି ତ ନ ପାରିଲେ ଜାଣି

ବାହାସାହା ହୋଇ ସାଂସାରିକ ହେଲେ

ନିଜେ ହେଲେ ମଉଡ଼ମଣି ।୬।

ପୁଅ ଝିଅ ସ୍ୱାମୀ ନିଜର ହୋଇଲେ

ସାଙ୍ଗ ସାଥୀଙ୍କୁ ଭୁଲି ଗଲେ

କିଏ ପୁଣି ନିଜ ସଙ୍ଗିନୀକୁ ନେଇ

ବିଦେଶରେ ଯାଇ ରହିଲେ ।୭।

କିଛି କଥା ନାହିଁ ରୁହ ବା ଯେଉଁଠି

ମନେ ପକାଅ ସେ ଦିନକୁ

ସତ କହୁଅଛି ମନେ ପଡିଗଲେ

ମୁରୁକି ହସିବ ନିଜକୁ ।୮।

ରାସ୍ତା ଘାଟେ କେବେ ଦେଖା ହୋଇଗଲେ

ହାଏ ହେଲୋ ଟିକେ କହିବ

ମୋବାଇଲରେ ବି ବାର୍ତ୍ତା ପଠାଇଲେ

ମନ ଭାରି ଖୁସି ହୋଇବ ।୯।

*****

ବାଟୀ, ସିମୁଳିଆ, ବାଲେଶ୍ୱର

# ପତଙ୍ଗ ଓ ଦୀପାଳି

ପ୍ରିୟଦର୍ଶିନୀ ମହାନ୍ତି

ପତଙ୍ଗ ଜାଣିଛି ମୃତ୍ୟୁ ସୁନିଶ୍ଚିତ
ଦୀପାଳିର ଶିଖା ତଳେ,
ତଥାପି କାହିଁକି ଉଡି ଆସେ ସିଏ
ଆଲୋକ ଟା ଦେଖିଦେଲେ !

ଦୀପାଳି କହିଲା କାହିଁଲୋ ପତଙ୍ଗ
ଉଡ଼ିଆସୁ ମୋର ପାଶେ ?
ମୁଁ ତ ନିର୍ଦ୍ଦୟ ମାନେ ନାହିଁ କିଛି
ଜାଳିଦେଇ ତତେ ନାଶେ ।

ପତଙ୍ଗ କହିଲା ସେପରି କୁହନି
ଜଳିବାଟା ତୁମ ଧର୍ମ,

ତୁମ ଦୀପଦୀପ୍ତି ମତେ ଭଲ ଲାଗେ

ଉଡିବା ତ ମୋର କର୍ମ ।

ଆଲୋକିତ କର ଏ ଧରାପୃଷ୍ଠକୁ

ଜଳାଞ୍ଜଳି ଦେଇ ନିଜକୁ,

ବଞ୍ଚି ମୁଁ ପାରେନି ତୁମ ବିରହରେ

ଭଲ ପାଏ ପରା ତୁମକୁ ।

ଜୀବନ ତୁମର ତ୍ୟାଗ କରିଦିଅ

ଜଳିଯାଅ ହୋଇ ଚିତା,

ତୁମେ ଗଲା ପରେ କାହା ପାଖେ ଆଉ

କହିବି ମୋ ମନ କଥା ।

*****

ଭୁବନେଶ୍ୱର

# ଗଦ୍ୟ ବିଭାଗ

*"ଅନନ୍ତ ଜଳଧି ସାଙ୍ଗେ ଯେପରି ତଟିନୀ ମିଶିଯାଏ,*
*ସେହିପରି ବିଶ୍ୱପ୍ରକୃତିର ଅସୀମତାରେ*
*ଜୀବନଧାରାଟି ଗୋଟିଏ ଚିରନ୍ତନ ମିଳନ*
*ଲୋଡ଼େ" (ସାଥି),*

***ବ୍ରଜବିହାରୀ ମହାନ୍ତି***

# ବାପା : ତ୍ୟାଗର ଅନ୍ୟନାମ

ରୋଜା ପଣ୍ଡା

**କା**ର୍ଯ୍ୟାଳୟରେ ପୁରା ଦିନର କର୍ମ ବ୍ୟସ୍ତତା ଭିତରେ ମୁଁ ଆଜି ଠିକ୍ ବୁଝିପାରୁଥିଲି ଜଣେ ଅନନ୍ୟ ବ୍ୟକ୍ତିତ୍ୱଙ୍କ ପରିଶ୍ରମ, ତ୍ୟାଗ ଆଉ ଦାୟିତ୍ୱକୁ । ସେ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି "ବାପା" । ମୋର, ଆପଣ ମାନଙ୍କର, ସମସ୍ତଙ୍କର ବାପା । ଯାହାଙ୍କ ବିନା ସବୁକିଛି ଅର୍ଥହୀନ, ନିସ୍ୱ । ଏସବୁ ଭାବନାରେ ପହଁରୁ ପହଁରୁ ହରି ମଉସା କଫି ନେଇ ମୋ ଚାମ୍ବର ଭିତରକୁ ଆସିଲେ । ତାଙ୍କ ହାତରୁ କଫି କପ୍ ଟି ନେଇ ମୁଁ ପିଇବାକୁ ଲାଗିଲି ।  ଅଫିସରେ ପ୍ରୋଜେକ୍ଟ ଫାଇଲର ବୋଝ ଆଉ କମ୍ପୁଟରର ତୀବ୍ର ଲାଇଟ୍ ସାଙ୍ଗକୁ ନୂଆ ନୂଆ କେମିକାଲ ମିଶ୍ରଣ ପ୍ରକ୍ରିୟାର ଲାବ୍ରୋଟେରୀ ଭିତରେ ମୁଣ୍ଡଟା କାହିଁକି ଭାରି ଭାରି ଲାଗୁଥିଲା । ଏମିତି ଏକ ବିରକ୍ତିକର ପରିସ୍ଥିତିରେ ମନ ଖୋଜୁଥିଲା ଗରମ ଗରମ

କଫି କପେ । ଯାହା ହେଉ ହରି ମଉସା ମନକଥା ବୁଝି ଠିକ୍ ସମୟରେ କଫି କପ୍ ଟି ବଢାଇଦେଲେ । ହରି ମଉସା କଫି ଦେଇ ବାହାରକୁ ଯିବାକୁ ପ୍ରୟାସ କରନ୍ତେ, ମୁଁ ପଛରୁ ଡାକି ପଚାରିଲି - "ମଉସା ଆପଣ କ'ଣ ପୂଜାଛୁଟି ନେଇ ନାହାନ୍ତି କି ?  କହୁଥିଲେ ପୂଜାରେ ଛୁଟି ନେଇ ପିଲାମାନଙ୍କୁ ଦେଖିବାକୁ ଯିବେ । ହେଲେ କ'ଣ ହେଲା ? ଆପଣ ଏଯାଏଁ ଡିଉଟି କରୁଛନ୍ତି । ଆଉ ଦୁଇଦିନ ରହିଲା ପୂଜା । ଘର ପାଇଁ କିଛି କିଣାକିଣି କରିବାକୁ ଯାଇନାହାନ୍ତି କି ?" ମୋ କଥା ଶୁଣି ମଉସା ମୁହଁ ଶୁଖେଇ ଉତ୍ତର ଦେଲେ - ନାଁ, ଛୁଟି ନେବିନି,ବଡ ବାବୁ କହୁଥିଲେ ଛୁଟି ନେଲେ ପଇସା କଟିବ । ଗୋଟିଏ ଦିନର ପଇସା କଟିଗଲେ ମୋ ପିଲାଛୁଆ ହଇରାଣ ହେଇଯିବେ । ଏତିକି କହି ହରି ମଉସା ଚାଲିଗଲେ । ମଉସା ସିନା ଚାଲିଗଲେ କିନ୍ତୁ ମୋ ମନ ଭିତରେ ଗୁଡ଼ାଏ ପ୍ରଶ୍ନ ଛାଡ଼ିଦେଇ ଗଲେ । ସେ ବି କାହାର ବାପା । ପିଲାଙ୍କ ପାଇଁ ଏଠି ବିନା ଛୁଟିରେ କାମ କରୁଛନ୍ତି ପୁରା ଦିନ । ଏ ଦୁନିଆଁରେ ମାଆର ଜନ୍ମ

ଜୟକାର ହୁଏ କାରଣ ମାଆ ଜନ୍ମ ଦେଇଥାଏ ବୋଲି । ନଅ ମାସ ଗର୍ଭରେ ରଖିଥାଏ ବୋଲି । କିନ୍ତୁ କେହି କେବେ ଭାବିଛନ୍ତି ଯେ, ମାଆ ସିନା ନଅ ମାସ ଗର୍ଭରେ ରଖେ ପିଲାକୁ ଜନ୍ମ ଦେବା ପାଇଁ ହେଲେ ଜଣେ ବାପା ପୁରା ଜୀବନ ପିଲାକୁ ନିଜ ମୁଣ୍ଡ ଭିତରେ ରଖେ ପିଲାର ଭବିଷ୍ୟତ ପାଇଁ । ମାଆ ରୋଷେଇ ଘରେ ଆମ ପାଇଁ ଯେଉଁ ଖାଦ୍ୟ ପ୍ରସ୍ତୁତ କରନ୍ତି ତାହା ଆମେ ଖୁସିରେ ଖାଇ ମାଆ ଆମର ଅର୍ନ୍ନଦାତ୍ରୀ ବୋଲି ଭାବୁ । ହେଲେ କ'ଣ କେବେ ଆମ ମନକୁ ଆସିଛି ଯେ ଯେଉଁ ଖାଦ୍ୟ ମାଆ ମାତ୍ର ଗୋଟିଏ ଘଣ୍ଟା ପରିଶ୍ରମ କରି ତିଆରି କରିଥାନ୍ତି ସେଇ ଖାଦ୍ୟର ଯୋଗାଡ଼ ପାଇଁ ଆମ ବାପା ତାଙ୍କର ପୁରା ଦିନ ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି । ବାପା ଏକ ଅବ୍ୟକ୍ତ ଶବ୍ଦର ଅସ୍ପଷ୍ଟ ଅକ୍ଷର ।

ଆଜି ଅଫିସରେ ଏଇ ଆଠ ଘଣ୍ଟିଆ ଡିଉଟିର ଥକା ଭିତରେ ମୁଁ ଠିକ୍ ଅନୁଭବ କରିପାରୁଛି, ବାପାଙ୍କ ତ୍ୟାଗ ଆଉ କଷ୍ଟ । ମାଆ ସିନା କୋଳରେ ଧରିଥାଏ ନିଜ ସନ୍ତାନକୁ ଯାହା ଦୁନିଆଁର ନଜରକୁ ଆସିଯାଏ

ହେଲେ ବାପା ଦୁନିଆଁର ନଜର ଆଢୁଆଳରେ ରହି ମଧ୍ୟ ମାଆ ଆଉ ସନ୍ତାନ ଉଭୟଙ୍କ ଭାରି ବୋଝକୁ ମୁଣ୍ଡରେ ମୁଣ୍ଡାଇ ପାଣି, ପଥର, କଣ୍ଟା ସବୁକିଛି ଅତିକ୍ରମ କରି ଚାଲିଥାନ୍ତି ଜୀବନ ରାସ୍ତାରେ ଆଗକୁ । କେବେ ତାଙ୍କ କ୍ଷତାକ୍ତ ପାଦର ଯନ୍ତ୍ରଣାକୁ କିଏ ଅନୁଭବ କରିଛ ? ଆଜି ଯେତେବେଳେ ଅଫିସରେ ମାତ୍ର ଅଳ୍ପ ସମୟ ମଧ୍ୟରେ ମଧ୍ୟାହ୍ନ ଭୋଜନ ସାରିବାକୁ ଉପର କର୍ମଚାରୀଙ୍କ ଠାରୁ ଆଦେଶ ଆସୁଛି ସେତେବେଳେ ପିଲାବେଳ କଥା ଖୁବ୍ ମନେପଡୁଛି । ପିଲାବେଳେ ଯେତେବେଳେ ମାଆ ଆଉ ମୁଁ ଘରେ ଟିଭି ଲଗେଇ ବିଭିନ୍ନ ପ୍ରକାର ଖାଦ୍ୟ ଆରାମରେ ବସି ଖାଉଥିଲୁ ସେତେବେଳେ ବାପା ନିଜ ଅଫିସରେ ମାତ୍ର ସ୍ୱଳ୍ପ ସମୟରେ ନିଜ ଖାଇବା ଶେଷ କରି କାମରେ ଲାଗିପଡୁଥିଲେ । ଆମେ ମାଆ ଆଉ ମୁଁ କାମ ସାରି କିଛି ସମୟ ବିଶ୍ରାମ ନେଉଥିଲୁ ସେତେବେଳେ କିନ୍ତୁ ବାପା ଗୋଟିଏ ଚେୟାର ଉପରେ ବସି ଅଫିସରେ ପୁରା ଦିନ କାଟି ଦେଉଥିଲେ । ବାପା ସାରା ଜୀବନ ବିନା ବିଶ୍ରାମରେ କାଟୁଥିଲେ । ମାଆ ସିନା ଘରେ

ସନ୍ଧ୍ୟାରେ ବହି, ସିଲଟ ଧରି ପାଠ ପଢାଉଥିଲେ ହେଲେ ବାପା ସେଇ ବହି, ସିଲଟ କିଣିବା ପାଇଁ ଆଉ ସ୍କୁଲ ଦରମା ଦେବା ପାଇଁ ପୁରା ଦିନ ଅନ୍ୟ ପାଖରେ ଗୁଲାମୀ ଖଟୁଥିଲେ ।

ମାଆ ସିନା ଆମ ଶୋଇବା ପାଇଁ ମଖମଲି ଶେଯ ପକାଇ ଦେଉଥିଲେ କିନ୍ତୁ ବାପା ଆମକୁ ସୁଖ ନିଦ୍ରା ଦେବା ପାଇଁ କେଉଁ ଏକ କୋଣରେ ତଳେ ଶୋଇ ଯାଉଥିଲେ । ମାଆ ସିନା ସ୍ନେହ କରୁଥିଲେ କିନ୍ତୁ ବାପାଙ୍କ ତାଗିଦ୍ ଆଉ ଗାଳି ଫଳରେ ଆଜି ଆମେ ଏତେ ଉପରେ ପହଞ୍ଚି ପାରିଛେ । ମାଆ ସିନା ମାମୁଁଘରୁ ଆସିଥିବା ସାବିତ୍ରୀ ପୂଜାରେ ନୂଆ ଲୁଗା ପିନ୍ଧିବାର ସୁଯୋଗ ପାଇଥାନ୍ତି କିନ୍ତୁ ବାପା ସବୁ ପୂଜା ତାଙ୍କ ଅଫିସରେ କାଟି ଦିଅନ୍ତି ଅଧିକା ଦରମାର ଆଶାରେ, ମାଆ ଆଉ ଆମ ମାନଙ୍କ ପାଇଁ ନୂଆ କିଛି କିଣିବାର ଅଭିଳାଷାରେ । ମାଆ ସିନା ସ୍କୁଲ ଯିବାକୁ ରେଡି କରାନ୍ତି କିନ୍ତୁ ବାପା ଧୁଉ ଧୁଉ ଖରାରେ ଆମକୁ ମୁଣ୍ଡାଇ ସ୍କୁଲରେ ଛାଡି ଆସନ୍ତି । ଦୁଇ ବେଳା ମାଆ ଖାଇବା ପ୍ରସ୍ତୁତ ପାଇଁ ସକ୍ଷମ

ହୁଅନ୍ତି କେବଳ ବାପାଙ୍କ ପାଇଁ, କାରଣ ଏଇ ଦୁଇ ବେଳାର ଖାଦ୍ୟ ବ୍ୟବସ୍ଥା ପାଇଁ ବାପା ପୁରା ଜୀବନ ନିଜ ରକ୍ତକୁ ପାଣି କରି ପରିଶ୍ରମ କରିଥାନ୍ତି । ଗାଲରେ ଚାପୁଡ଼ା ଟିଏ ବାଜିଲେ ମାଆଲୋ ବୋଲି ପାଟିରୁ ବାହାରି ପଡ଼େ ସିନା କିନ୍ତୁ ରାସ୍ତାରେ ବଡ ଟ୍ରକ କି ବସ୍ ଟିଏ ସାମ୍ନାକୁ ଆସିଗଲେ ବାପାଲୋ ବୋଲି ପାଟିରୁ ବାହାରି ପଡ଼େ । କାହିଁକି ନାଁ ଛୋଟ ଛୋଟ ବିପଦରେ ମାଆ ମନେ ପଡେ ସିନା କିନ୍ତୁ ବଡ ବଡ ବିପଦ ଆସିଲେ କେବଳ ବାପା ହିଁ ମନେ ପଡ଼ନ୍ତି । ବାପା ଏମିତି ଏକ ବରଗଛ ଯାହାର ଶୀତଳ ଛାଇରେ ପୁରା ଦୁନିଆଁ ଆଶ୍ରୟ ନିଏ । ଅଫିସରେ ପୁରା ଦିନ ଗୋଟିଏ ଚୌକିରେ ବସି କାମ କରିବାର କଷ୍ଟ ମାଆ ନୁହେଁ ବରଂ ବାପା ହିଁ ଭଲ ଭାବରେ ବୁଝିପାରିବେ । ଏତିକିବେଳେ ଫୋନ ବାଜି ଉଠିଲା । ଆରପଟୁ ଶୁଣାଗଲା, "ଅଫିସରୁ ବାହାରିଲୁଣି, ନାଁ ଏଯାଏଁ କାମ ସରିନି ?" ମୁଁ ଉତ୍ତରରେ କହିଲି -ହଁ ବାପା ।

*****

ମଧୁପାଟଣା, କଟକ

# ସେଇ ଗୋଟିଏ ଭୁଲ୍

ତପସ୍ୱିନୀ ଦାଶ ଷଡଙ୍ଗୀ

ବୃଦ୍ଧାଶ୍ରମର ଚାରି କାନ୍ଥ ଭିତରେ ବସି ବୁଲୁଥିବା ପଙ୍ଖାର ଘୂର୍ଣ୍ଣୟମାନ ଅବସ୍ଥା ସହିତ ନିଜ ଜୀବନକୁ ତୁଳନା କରି ଭାବି ଚାଲିଥିଲେ ଯେ ନିଜ ଜୀବନର ଗତି ଆଜି କେଉଁଠୁ, କେଉଁଠିକି ଟାଣି ଆଣିଲା । ଅକୁହା ଲୁହରେ ଭିଜି ଶ୍ରୀଧର ବାବୁ ନିଜ ସହଧର୍ମିଣୀ ଅନ୍ନପୂର୍ଣ୍ଣାଙ୍କ ଫଟୋ ଧରି ମନେ ପକାଉଥିଲେ, ସେଦିନର ସେ ଗୋଟିଏ ଭୂଲ୍ ଆଜି ଦୁଇ ଜଣଙ୍କ ସମ୍ପର୍କ ମଧ୍ୟରେ ଅନତି ଦୂରତା ସୃଷ୍ଟି କରିଛି ।

ଠିକ୍ କୋଡିଏ ବର୍ଷ ତଳେ ଆଜିର ଦିନରେ ସେ ଛାଡ଼ପତ୍ର ଦେଇଥିଲେ ଅନ୍ନପୂର୍ଣ୍ଣାଙ୍କୁ । କାରଣ ଥିଲା ସନ୍ଦେହ । ଶ୍ରୀଧର ବାବୁ ପେଶାରେ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଆଉ ତାଙ୍କ ସ୍ତ୍ରୀ ଜଣେ ଅଧ୍ୟାପିକା ଥିଲେ । ଅନ୍ନପୂର୍ଣ୍ଣା ରୂପବତୀ ଗୁଣବତୀ ମହିଳା । ଉଭୟଙ୍କ

ଭଲପାଇବାରେ ଅତି ଘନିଷ୍ଠତା ଥିଲା । ଘର କାମ ସହ ବାହାର କାମରେ ଧୁରନ୍ଧର ଥିଲେ ଅନ୍ନପୂର୍ଣ୍ଣା । ଶ୍ରୀଧର ବାବୁ ପତି ହିସାବରେ ବହୁତ ଭଲ ପାଇବା ସହ ସମ୍ମାନ ବି ଦେଉଥିଲେ ତାଙ୍କୁ ଆଉ ଗେଲରେ ଡାକୁଥିଲେ ଅନି । କିନ୍ତୁ ମନର କେଉଁଠି ନା କେଉଁଠି ତାଙ୍କର ଡର ଥିଲା ତାଙ୍କ ଅନିଙ୍କ ରୂପଲାବଣ୍ୟକୁ ନେଇ । ଅନେକ ସମୟରେ ଶ୍ରୀଧର ବାବୁଙ୍କ ମା ଦମୟନ୍ତୀ ପୁଅକୁ ଆକଟ କରିଛନ୍ତି ଭୂଆସୁଣୀଟା କାହିଁକି ତାକୁ ବାହାରକୁ ଛାଡୁଛୁ । ଘରର ଲକ୍ଷ୍ମୀ ଘରକୁ ସୁନ୍ଦର । ତଥାପି ମା'ଙ୍କର ସେ ପୁରୁଣା କାଳିଆ କଥାକୁ ଭ୍ରୁକ୍ଷେପ କରନ୍ତିନି ସେ । ହଠାତ୍ ଦିନେ ଶ୍ରୀଧର ବାବୁ କହିଲେ ଅନି କାଲି ମୋ ବାଲ୍ୟବନ୍ଧୁ ଅବିନାଶ ଆସିବ ଆମେରିକାରୁ । ଟିକେ ଭଲ ରନ୍ଧାରନ୍ଧି କରିକି ରଖିଥିବ । ଆରେ ବାବା ମୁଁ କେବେ କିଏ ଆସିବା ଯିବା ରେ କିଛି ଅବହେଳା କରିଛି ଯେ ତୁମ ସାଙ୍ଗଙ୍କ କଥା ବୁଝିବିନି ।  ଅନି କଲେଜରୁ ଛୁଟି ନେଲେ ଦୁଇଦିନ ପାଇଁ । ଲାଗି ପଡିଲେ ରୋଷେଇଘରେ ଅନେକ ପ୍ରକାର ଖାଇବା ପ୍ରସ୍ତୁତିରେ । ରାତି ପାଖାପାଖି ଆଠଟା ହେବ କାର୍ ର ହର୍ଣ୍ଣ ଶୁଣି ପୁଅ  ଲିଙ୍କନ୍ ଧାଇଁ ଆସି କହିଲା

ମାମା, ବାପା ଆଉ ଅଭି ଅଙ୍କଲ୍ ଆସିଲେ । ଅନି ବି ପାଛୋଟି ଆଣିବାକୁ ଦୁଆର ବନ୍ଧ ଆଡିକି ଗଲାବେଳେ ଦମୟନ୍ତୀ ଦେବୀ କହିଲେ ଏ ବୋହୂ ତୁ ରହୁନୁ ସେମାନେ ମନକୁ ଆସିବେ ତୁ କିଆଁ ଯାଉଛୁ । ଦମୟନ୍ତୀଙ୍କ ଶାଶୁ ପଣିଆ ଟିକେ ଅଟକାଇଲା ତଥାପି ସେ ଚୁପ୍ ରହିଲେ । ହ୍ୟାଲୋ ଭାଉଜ ହାଓ ଆର୍ ୟୁ ? ଆମେରିକା ଫେରନ୍ତା ଅବିନାଶ ପଚାରିଲେ ।

ନମସ୍କାର ଆସନ୍ତୁ ବସନ୍ତୁ । ହଁ ମୁଁ ଭଲ ଅଛି ଖାଣ୍ଟି ଓଡିଆଣୀ ଭଙ୍ଗୀରେ କହିଲେ ଅନି । ବାଲ୍ୟବନ୍ଧୁଙ୍କ ସହ ଥଟ୍ଟାମଜାରେ ମଜ୍ଜି ଯାଇଥିଲେ ଶ୍ରୀଧର ବାବୁ । ଡାଇନିଙ୍ଗ୍ ଟେବୁଲରେ ଖାଇବା ପରଶି ଦେଲେ ଅନ୍ନପୂର୍ଣ୍ଣା । ବଢିଆ ହେଇଛି ସବୁ ଖାଦ୍ୟ । ମତେ କୁଆଡୁ ମିଳିବ ଏ ଖାଇବା ପରଦେଶରେ । କହିଲେ ଅବିନାଶ । ଆଉ କର୍ତ୍ତବ୍ୟନିଷ୍ଠା କାଇଁ ଜଲଦି ବାହା ହେଇଯା ସ୍ତ୍ରୀ ଆସିଲେ ଭଲ ଖାଇବା ବନେଇବ କହିଲେ ଶ୍ରୀଧର । ଆରେ ବାବା ଭାଉଜଙ୍କ ପରି ସୁନ୍ଦରୀ ରୂପବତୀ ଝିଅଟେ ଦରକାର ମୋତେ କୁଆଡୁ ମିଳିବ  ହସି ହସି କହିଲେ ଅଭି ।

ଏଇ ପଦିଏ କଥା ଶ୍ରୀଧରଙ୍କ ମନରେ ସନ୍ଦେହର ବିନ୍ଦୁ ସୃଷ୍ଟିକଲା । ତାଙ୍କ ମୁହଁର ଅଙ୍ଗୀଭଙ୍ଗୀ ଅନି ବୁଝି ପାରୁଥିଲେ । ଯାହା ହେଲେ ବି ସେ ସ୍ତ୍ରୀ । ସ୍ୱାମୀଙ୍କ ମନକଥା ତାଙ୍କୁ ବା ଅଛପା ଥାଆନ୍ତା କେମିତି । ଆଗରୁ ଅନେକ ଥର ସେ ହୃଦୟଙ୍ଗମ କରିଛନ୍ତି ଶ୍ରୀଧରଙ୍କ ବ୍ୟବହାରକୁ । କିନ୍ତୁ ନିଜ ମନ ଦୁଃଖ କାଆଗେ ବା କହନ୍ତେ । ଯାହା ହେଲେ ବି ସେ ଜଣେ ପତିବ୍ରତା ରମଣୀ । ଆଚ୍ଛା ଭାଉଜ କାଲି ସନ୍ଧ୍ୟାରେ ମୋର ଟ୍ରେନ୍ ଅଛି ଗାଁକୁ ବୋଉ ପାଇଁ କିଛି ଆଣିନି ସେଠି ତ ଶାଢୀ ମିଳେନି ଭାବୁଛି ଏଇ ଭୁବନେଶ୍ୱରରୁ କିଣିନେବି । ମୋତେ ଟିକେ ତୁମର ସାହାଯ୍ୟ ଦରକାର । ହଁ ଯେ ମୁଁ କଣ କରିବି କହିଲେ ଅନି । ମୋ ସହିତ କାଲି ସକାଳେ ଟିକେ ଯିବ ଆଉ ତୁମ ପସନ୍ଦର ଶାଢୀଟେ କିଣିବା ବୋଉ ପାଇଁ । ଥଙ୍ଗମଙ୍ଗ ହୋଇ ହଁ ଭରିଲେ ଅନି ଏପଟେ ଶ୍ରୀଧର ବାବୁଙ୍କ ମନୋଭାବ ଏପଟେ ଅବିନାଶଙ୍କୁ ମନା କଲେ ଅସୁନ୍ଦର ହେବ । କଣ କରିଲେ ଠିକ୍ ହେବ । ଯଦି ଆମେ ସମସ୍ତେ ଯିବୁ ବୋଧହୁଏ ଭଲ ହେବ । ସକାଳ ଟା ପାଖରେ

ବସିକି ଅଭି କହିଲେ ଆଚ୍ଛା ଭାଉଜ କେତେବେଳେ ଯିବା ? ହଁ ଯିବା ହେଇଟି ଆମେ ଚାଲ ସମସ୍ତେ ଯିବା ମାର୍କେଟ୍ । ଆଉ ଲଞ୍ଚ୍ ବି କରି ଆସିବା । ନାଇଁ ମୁଁ ଯାଇ ପାରିବିନି ମୋର ଅର୍ଜେଣ୍ଟ୍ ମିଟିଙ୍ଗ୍ ଅଛି । ମିଛ ବାହନା ଦେଖାଇ କହିଲେ । ତୁମେ ଦୁହେଁ ଯାଇକି ଆସ ମୁଁ ସନ୍ଧ୍ୟାରେ ଆସିଲେ ଅଭିକୁ ଷ୍ଟେସନ୍ ରେ ଛାଡି ଆସିବି । ଏହା କହି ସେ ଅଫିସ୍ ଗଲେ ଭାରି । ଠିକ୍ ଅଛି ଚାଲ ଆମେ ବାହାରିବା ଭାଉଜ । କିନ୍ତୁ'ର ମନୋଭାବ ନେଇ ବାହାରିଲେ ଅନି । ମନେ ମନେ ଭାବୁଥିଲେ ମୋର ମନ ତ ସ୍ୱଚ୍ଛ ଅଛି । ସନ୍ଧ୍ୟାରେ ଅଭି ଗଲା ପରେ ଗାଁକୁ ଆରମ୍ଭ ହୋଇଗଲା ସ୍ୱାମୀଙ୍କ ଉପଦ୍ରବ ତା ସହ ଶାଶୁ ବି ଚୁଡାକୁ ଦହି ପରି ତାଳ ଦେଇ ଚାଲିଲେ । ଦୀର୍ଘ ଦୁଇ ଦୁଇ ତିନି ମାସର ତୁ ତୁ ମେଁ ମେଁ ପରେ ଛାଡ଼ପତ୍ର ଯାଏଁ କଥା ଗଲା । ପୁଅ ଲିଙ୍କନକୁ ବି ଦମୟନ୍ତୀ ଦେବୀ ଛାଡିଲେନି । ଶେଷରେ ଚରିତ୍ରହୀନାର ଆଖ୍ୟା ନେଇ ଚାଲିଗଲେ ଅନ୍ନପୂର୍ଣ୍ଣା । କିଛି ବର୍ଷ ପରେ ଦମୟନ୍ତୀଙ୍କର ବି ଦେହାନ୍ତ ହୋଇଗଲା ।

ପୁଅକୁ ନେଇ ଏକା ଏକା ବାପା ମା ହୋଇ ବଡ଼ କରିଲେ ଶ୍ରୀଧର ବାବୁ ।

*****( ୨୦ ବର୍ଷ ପରେ )*****

ଓହୋ ବାପା ଏମିତି ଖଁ ଖଁ ହୋଇକି କାଶିଲେ ବବଲୁକୁ ଇନ୍ଫେକ୍ସନ ହେବ । ଦେଖ ଲିଙ୍କନ୍ ତୁମ ବାପାଙ୍କୁ ବୁଝାଅ ।ଦେଖ ବାପା ସେଲୀ ଠିକ୍ କହୁଛନ୍ତି । ସବୁବେଳେ ଗୋଟେ ନାଟ ଚାଲିଛି । ରାଗ ଗରଗର ହୋଇ କହିଲା ପୁଅ । ବାଃରେ ପୁଅ ମୋ ସଂସ୍କାରର ଫଳ ମୋତେ ମିଳିଲା । କହିଲେ ଶ୍ରୀଧର ବାବୁ । ଆଉ ତା' ପରେ ନିଜେ ଆପଣାଇ ନେଲେ ଏଇ ବୃଦ୍ଧାଶ୍ରମକୁ । ଏମିତି ପୁରୁଣା କଥାକୁ ଘାଣ୍ଟିଲା ବେଳେ ତାଙ୍କୁ ଶୁଭିଲା ହେଇଟି ଏପଟେ ଦେଖ ମୁଁ ଆସିଛି । ଚାଲ ସାଥୀ ହୋଇ ବାକି ଜୀବନ କାଟି ନେବା । ଆରେ ଇଏ ତ ମୋ ଅନି'ର ସ୍ୱର । ପଛକୁ ବୁଲି ଦେଖନ୍ତି ତ ଅନି । ହସ ଆଉ ଲୁହ ମିଶା ଗଳା ରେ କହିଲେ ତୁମର ଏ କଥା ଅନ୍ୟଠୁ ଶୁଣି ଧାଇଁ ଆସିଛି । କାଗଜ ପତ୍ରରେ ସମ୍ପର୍କର

ଶେଷ ହୁଏନି ଆମ ସମ୍ପର୍କ ତ ଆତ୍ମାର ମନର । ସେଦିନ ସିନା ମୋତେ ଭୂଲ୍ ବୁଝିଲ ହେଲେ ଜୀବନ ସଙ୍ଗିନୀ ହେବାର ଯେଉଁ ଶପଥ ମୁଁ ନେଇଥିଲି ଆମ ବିବାହ ଦିନ ତାହା, ମୁଁ କାୟ ମନୋବାକ୍ୟ ରେ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲି ହେଲେ ତମେ..... ଆଉ ସେ ପୁରୁଣା କଥାକୁ ମନେ ପକାଅନି ମୋତେ କ୍ଷମା କରିଦିଅ କହିଲେ ଶ୍ରୀଧର ବାବୁ । ହେଉ ହେଲା ଚାଲ ଯିବା ଏବେ କହିଲେ ଅନି ।

*****

ବେଙ୍ଗାଲୁରୁ

# ଜୀବନର କାହାଣୀ

ରଶ୍ମି ରଞ୍ଜନ ନାୟକ

'ଜୀବନ' ବେଶ ପରିଚିତ ଓ ଜଣାଶୁଣା ଶବ୍ଦଟିଏ । ଛୋଟରୁ ବଡ଼ ହେବାର ସମୟ ଅବଧି ମଧ୍ୟରେ ପ୍ରାୟ ସମସ୍ତେ ଏହାର ରୂପ ସହିତ ବେଶ ପରିଚିତ ମଧ୍ୟ । ଜୀବନର କାହାଣୀ କଥା ଭାବିଲେ ସାମ୍ନାରେ ଅନେକ ଅନିଶ୍ଚିତତା ମଧ୍ୟ ଦେଖାଦିଏ, ବୁଝିବାକୁ ଚେଷ୍ଟା କରି ମଧ୍ୟ ବେଳେବେଳେ ବୁଝି ହୁଏନା ଏହାର ବାସ୍ତବତା ସମ୍ପର୍କରେ । ଋତୁ ପରିବର୍ତ୍ତନ ଭଳି ଜୀବରେ ମଧ୍ୟ ଅନେକ ପରିବର୍ତ୍ତନ ଆସେ । ଜୀବନର କାହାଣୀର ପରିଭାଷା ମଧ୍ୟ କିଛି କ୍ଷଣ ମଧ୍ୟରେ ବଦଳିଯାଏ । କେତେବେଳେ ସଫଳତା ତ କେତେବେଳେ ବିଫଳତା, କେତେବେଳେ କାହାକୁ ପାଇବାର ଆନନ୍ଦ ତ କେବେ କାହାକୁ ହରାଇବାର ଦୁଃଖ, କେତେବେଳେ ମହାବାତ୍ୟା ଆସି ସବୁ କିଛି ଛାରଖାର କରିଦିଏ ତ କେତେବେଳେ ବସନ୍ତ ଆସି ଶାନ୍ତ ଓ ଶୀତଳ ସ୍ପର୍ଶର ଅନୁଭବ ଦେଇଯାଏ

ଜୀବନରେ । ଜୀବନର ଏ କାହାଣୀ ଏତେ ମଧ୍ୟ ସହଜ ନୁହେଁ ବର୍ଣ୍ଣନା କରିବାକୁ । ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଆସେ, ଝଡ଼ ଆସେ ସତ କିନ୍ତୁ ଏଠି ମଥାପାତି ଏହାକୁ ସହିବାକୁ ପଡେ । ଆଖିର ଲୁହକୁ ପିଇ ଜୀବନର ଶେଷ ପର୍ଯ୍ୟନ୍ତ ଚାଲିବାକୁ ହୁଏ । ବାରମ୍ବାର ହାରି ମଧ୍ୟ ଜିତିବାର ଆଶା ବାନ୍ଧିବାକୁ ପଡେ । ହସି କାନ୍ଦି ଏ ପରିବର୍ତ୍ତନକୁ ଗ୍ରହଣ କରିବାକୁ ପଡେ ।

ଜୀବନର ଏ କାହାଣୀ ଠାରୁ ଆହୁରି ଭଲ କାହାଣୀ ଯେ ନାହିଁ ଏହାକୁ ଥରେ ଭାବି ନିଜର ଜୀବନର କାହାଣୀକୁ ନିଜ ହାତରେ ଲେଖିବାକୁ ପଡେ ।

*****

ସାହାଣୀସାହି,ବାଲିପାଟଣା,
ଖୋର୍ଦ୍ଧା

# ଜବାନର ଜୀବନ

ପୂର୍ଣ୍ଣିମାରାଣୀ ସାହୁ

ସାହୁ ବାବୁ ଆପଣଙ୍କର ଚିଠି ଆସିଛି ।

ସାହୁ ବାବୁଙ୍କ ପିଣ୍ଡରେ ପ୍ରାଣ ପଶିଲା । ବାତ୍ୟାରେ ତ ଛୁଟି ମିଳିଲାନି, ଘରେ ବୃଦ୍ଧାବସ୍ଥାରେ ମା' ବାପା, ତିନି ଛ' ବରଷର ଛୁଆ ଦୁଇଟାକୁ ଆଠ ମାସର ଗର୍ଭବତୀ ସ୍ତ୍ରୀ, ନା କିଛି ଖବର ମିଳୁଥିଲା ନା ଚିଠି ଠିକ୍ ସମୟରେ ଆସି ପାରୁଥିଲା, ମନଟା ଖାଲି ଉହଳ ବିକଳ ହୋଉଥିଲା । ଦେଶ ସୁରକ୍ଷା ପାଇଁ ଶପଥ ନେଇ ପରିବାରକୁ ଅବହେଳା କରିବାକୁ ପଡୁଥିଲା ସିନା ହେଲେ ଘନ ଘନ ନ୍ୟୁଜ୍ ରେ ଓଡିଶାରେ ମହାପ୍ରଳୟଙ୍କର ବାତ୍ୟା କଥା ଶୁଣି ମନ କ'ଣ ଥୟ ଧରୁଥିଲା । ନା ପେଟକୁ ଦି' ମୁଠା ଦାନା ଯାଉଥିଲା ନା କାମରେ ମନ ଲାଗୁଥିଲା । ସାଙ୍ଗେ ସାଙ୍ଗେ ଚିଠିଟି

ଆଣି ଖୋଲିଦେଲେ ....."ତୁମେ ବ୍ୟସ୍ତ ହୁଅନି, ଆମେ ସମସ୍ତେ ଭଲରେ ଅଛୁ । ଯେତେ ଶିଘ୍ର ସମ୍ଭବ ଛୁଟି ଆଣି ଘରକୁ ଆସିବାକୁ ଚେଷ୍ଟା କରିବ ।" ଆହୁରି ଏମିତି ବହୁତ କିଛି ଲେଖାଥିଲା । ଏଇ ଦୁଇ ଧାଡି ପଢିଦେଇ ମନକୁ ଟିକେ ସାନ୍ତ୍ୱନା ମିଳିଲା ।

ସାହୁ ବାବୁଙ୍କ ମନରେ ସନ୍ଦେହ ଆସିଲା... ଓଡ଼ିଶାରେ ଏତେ କ୍ଷୟକ୍ଷତି ହେଇଗଲା ହେଲେ ମୋର ତ ଝାଟି ମାଟିର ଚାଳଛପର ଘରକୁ ଚାରିପାଖ ଚାଖୁଣ୍ଡା ଆଉ ନଡିଆ ଗଛରେ ଭର୍ତ୍ତି, କ'ଣ ସତରେ କୋଉଠି କିଛି କ୍ଷୟକ୍ଷତି ହେଇନି ? ଗୁଡାଏ ପ୍ରଶ୍ନ ତାଙ୍କୁ ବିଚଳିତ କରୁଥିଲା । ଆଉ କିଛି ନ ଭାବି ଏକମୁହାଁ ହୋଇ ବାହାରିଲେ କମାଣ୍ଡରଙ୍କ ପାଖକୁ ଛୁଟି ମଞ୍ଜୁର କରିବାକୁ, ହେଲେ କର୍ମଭୂମି କର୍ମବୀରକୁ ଛାଡିବାକୁ ପଛଘୁଞ୍ଚା ଦେଲା । ମନ ଦୁଃଖ ନ କରି ଧୈର୍ଯ୍ୟର ସହ ଫେରି ଆସିଲେ ସାହୁ ବାବୁ । ମନରେ ଉଙ୍କି ମାରୁଥିବା ସବୁ ପ୍ରଶ୍ନଗୁଚ୍ଛକୁ ଚିଠିରେ ଉତାରି ଦଲେ, ଶେଷରେ  ମତେ କ୍ଷମା କରିବ, ମୋର ଏବେ ଯିବା ସମ୍ଭବପର ନୁହେଁ ।

ସାହୁ ବାବୁଙ୍କର ସବୁ ସନ୍ଦେହ ସତ ଥିଲା । ତାଙ୍କ ମନକୁ କଷ୍ଟ ଲାଗିବ ବୋଲି ତାଙ୍କ ଧର୍ମପତ୍ନୀ କିଛି ଜଣାଇ ନଥିଲେ । ଝାଟିମାଟିର କାନ୍ଥ ଭୁଷୁଡି ପଡିଥିଲା ଆଉ ଖଞ୍ଜାର ଆର ପଟରେ ଚାଖୁଣ୍ଡା ଗଛଟା ପଡି ଛପର ବି ଭାଙ୍ଗି ଯାଇଥିଲା । ଘର ସାରା ପାଣିରେ ଭାସୁଥିଲା । ଦିନସାରା ପାଣି ତୋଳି ତୋଳି ସେ ଆଠ ମାସର ଗର୍ଭବତୀ ମା' ଟାର ଅବସ୍ଥା କହିଲେ ନସରେ । ଦି ମୁଠା ଖୁଦ ଚାଉଳକୁ ପାଞ୍ଚ ପ୍ରାଣୀ ହେଲେଣି, ସମସ୍ତଙ୍କୁ ଖାଇବାକୁ ଦେଇ ସାରିବା ପରେ ହାଣ୍ଡିରେ ମୁଠାଏ ବି ବଳୁ ନଥିଲା । ସେଇ ଟିକକ ପାଟିରେ ପୁରାଇ ଦେଇ ପୁଣି କାମରେ ଲାଗି ପଡୁଥିଲା । ସେ ମହାପ୍ରଳୟଙ୍କର ବାତ୍ୟା ବୋଧେ ତା'ର ଧୈର୍ଯ୍ୟର ପରୀକ୍ଷା ନେଉଥିଲା । ହାରି ନଥିଲା ସେ ବରଂ ସଂଘର୍ଷ କରି ଜିତିବା ଶିଖିଥିଲା ।

ବାତ୍ୟାର ପ୍ରକୋପ କମିଲା । ଚାରିଆଡେ ହା ହା କାର ପଡିଲା ପରି ଲାଗୁଥିଲା ।ବଡବଡ ଗଛ ପଡି ରହି ରାସ୍ତାଘାଟ ବନ୍ଦହୋଇ

ପଡିଥିଲା, ଆଉ ତା' ସହ ଡାକସେବା ମଧ୍ୟ । ଯିା ଭିତରେ ଦୁଇ ମାସ ହେଲା ଦୁଃଖ କଷ୍ଟରେ ଚଳୁଥିଲେ ସାହୁ ବାବୁଙ୍କ ପରିବାର ଲୋକେ । ହଁ ସରକାରଙ୍କ ତରଫରୁ ବହୁତ ସୁବିଧା ଯୋଗାଇ ଦିଆଯାଉଥିଲା ହେଲେ ସେ ସବୁରୁ ବଞ୍ଚିତ ଥିଲେ ସାହୁ ବାବୁଙ୍କ ପରିବାର ଲୋକେ, ଯେହେତୁ କେହି ଘରେ କେହି ପୁରୁଷ ପିଲା ନଥିଲେ ବୁଝାବୁଝି କରିବା ପାଇଁ । ଏଥି ମଧ୍ୟରେ ସାହୁ ବାବୁଙ୍କର କନ୍ୟା ସନ୍ତାନଟିଏ ଜନ୍ମ ନେଲା । ଜନ୍ମର ଠିକ୍ ଚାରିଦିନ ପରେ ସାହୁବାବୁଙ୍କ ପାଖରେ ଚିଠି ପହଞ୍ଚିଲା, ମା' ଛୁଆ ଦୁହେଁ ଭଲରେ ଅଛନ୍ତି । ସାହୁବାବୁଙ୍କର ଖୁସି କହିଲେ ନସରେ । ଆଉ ସମ୍ଭାଳି ନପାରି ପୁଣି ବାହାରିଲେ କମାଣ୍ଡରଙ୍କ ପାଖକୁ ଛୁଟି ଆଶାରେ । ସେ ଖୁସି ଦେଖି ଭଗବାନ ବି ସେଥିରେ ବାଧା ଦେବାକୁ ଚାହିଁଲେନି । ଖୁସିରେ ସାହୁ ବାବୁ ନିଶ ମୋଡି ବାହାରିଲେ ଜବଲପୁରରୁ ସିଧା ପଲ୍ଲୀପୁର ଆଡକୁ ।

ଘର ଦାଣ୍ଡରେ ପହଞ୍ଚିଲା ବେଳକୁ ଝରି ଆସିବାକୁ ଯାଉଥିଲା

ଦୁଇ ଟୋପା ଲୁହ, ଯେବେ ନଜର ପଡିଲା ଅଧାଭଙ୍ଗା ଚାଳ, ଭୁଷୁଡି ପଡି ଥିବା କାନ୍ଥ ଆଉ ବାଟ ବନ୍ଦ କରି ପଡି ଥିବା କାଠ ଗଣ୍ଡି ଉପରେ, ତାକୁ ପଛରେ ପକେଇ ଘରକୁ ପଶିଲେ ସାହୁ ବାବୁ । ହଠାତ୍ ନଜର ପଡିଲା ତାଙ୍କ ଜୀବନର ଅଧାଅଂଶ ଆଉ କୋଳରେ ଖେଳୁଥିବା କୁନି ଛୁଆ ଉପରେ । କୋଳେଇ ଧରି ଆଗ ମନ ଭରି ଗେଲ କଲେ । ସ୍ନେହ ଆଉ ଶରଧାରେ ହେଲା ଛୋଟୁ ନାଁର ଆବିଷ୍କାର । ଛୋଟୁର ସେଇ କୋମଳ ହାତର ସ୍ପର୍ଶରେ ଆଉ କୁନି ଅଧରର ହସରେ ସାହୁ ବାବୁଙ୍କର ଆଉ ତାଙ୍କ ଧର୍ମପତ୍ନୀଙ୍କର ସବୁ ଦୁଃଖ କଷ୍ଟର ଅନ୍ତ ହୋଇଗଲା, ସତେ ଯେମିତି ସେ କୁନି ହାତରେ ଛୋଟୁ ଯାଦୁ କରୁଥିଲା ।

କାହାଣୀଟି ୧୯୯୯ ମସିହାର ମହାବାତ୍ୟା ଆଉ ଛୋଟୁର ଜନ୍ମ ଉପରେ ଆଧାରିତ ।

*****

ନିକିରାଇ, କେନ୍ଦ୍ରାପଡା

# ଅଷ୍ଟମଙ୍ଗଳା

ପ୍ରଶାନ୍ତ କୁମାର ବେହେରା

ଲୋକଟା କେତେବେଳେ ବି ଚୁପ୍ ରହେନି । ସବୁବେଳେ ବକରବକର ହେଉଥିବ । ଗାଡିକୁ ଫାଙ୍କା ରାସ୍ତାରେ ଫୁଲ୍ ସ୍ପିଡ୍ ରେ ଦୌଡାଇବା ବେଳେ ହେଉ ବା ଭିଡ ଭିତରେ ଫସିଥିବା ବେଳେ ହେଉ, ସବୁଠି ତା' ଗପ ଚାଲିଥିବ । ଏମିତି ଗପୁଡ଼ି ମୁଁ ଜୀବନରେ ଆଉ କେଉଁଠି ଦେଖିନି । ତା'ର ଏଇ ଗୁଣପାଇଁ ମୁଁ ପ୍ରାୟେ ତା' କାର୍ ରେ ଯିବାକୁ ପସନ୍ଦ କରେନାହିଁ । ଯେଉଁଦିନ ଅନ୍ୟ ସବୁଆଡୁ ନିରାଶ ହୁଏ ସେଦିନ ବାଧହୋଇ ତାକୁ ଫୋନ୍ କରେ । ତା'ର ଗପ ଗୁଡାକ ମୋର ଏ କାନରେ ପଶି ସେ କାନରେ ବାହାର କରିଦିଏ । କେବଳ ସୌଜନ୍ୟତା ଦୃଷ୍ଟିରୁ କେତେବେଳେ କେମିତି " ଆଚ୍ଛା " " ଓହୋ " " ହୁଁ " ଏମିତି ଗୋଟେ ଗୋଟେ ଶବ୍ଦ ଫୋପାଡି ଦିଏ ।

ସେଇ ଗପ ଭିତରର ବି ଗାଡିକୁ ଫୁଲ୍ ସ୍ପିଡ୍ ରେ ଚଳାଏ । ସମୟେ ସମୟେ ମୁଁ ତାକୁ କହେ, " ଶୁଣ, ଆମେ ଧିରେ ସୁସ୍ଥେ ଯିବା । ତରତର ହେବାର କୌଣସି ଆବଶ୍ୟକତା ନାହିଁ ।"

ସେ 'ହଉ' ସାର୍ ବୋଲି କହି ଗାଡିର ଗତିକୁ କମାଇଦିଏ । ତାର ସେଇ ସବୁ ଗପଗୁଡାକ ଭିତରେ କିଛି ମୁଁ ଶୁଣିଛି । ଖାଲି ଶୁଣିନି ମନେ ବି ରଖିଛି । ସେ କେମିତି ଆଉ ଜଣଙ୍କ ଗାଡି ଚଳାଉଥିଲା । ପରେ ନିଜେ ବ୍ୟାଙ୍କ ଲୋନ୍ ନେଇ ଏଇ ଗାଡିକୁ କିଣିଛି । କିସ୍ତି ମାସକୁ ମାସ ଦେବାବେଳେ ଖୁବ୍ କଷ୍ଟରେ ଜୀବନ ବିତାଇଛି । ଦିନେ ଦିନେ ଗାଡି କିଛି ରିପାରିଂ ଖୋଜିଲେ ପାଖରେ ପଇସା ନଥାଏ । ସେଇ ସମୟରେ ତା' ସ୍ତ୍ରୀ କେମିତି ପୂର୍ବରୁ ତା' ପକେଟରୁ ପଇସା ଲୁଚାଇକି ସଞ୍ଚୟ କରି ରଖିଥାଏ ସେଇଥିରୁ ଦିଏ ଗାଡିକୁ ଗ୍ୟାରେଜ୍ ନେଇ ସଜାଡିବାକୁ । ଏଇ ଗାଡି କୁଆଡେ ତା' ପାଇଁ ଖୁବ୍ ଲକି । ଏ ଗାଡି କିଣିବା ପରେ ତା' ବାହାଘର ଗୋଟେ ଭଲ ଝିଅ ସହିତ ହେବାସହ ପୁଅକୁ ବି ଛଅମାସ ।

ତା'ର ଏମିତି ମନଖୋଲା କଥାବାର୍ତ୍ତା ସମୟେ ସମୟେ ଖୁବ୍ ଭଲ ଲାଗେ । ତା' ସ୍ତ୍ରୀ କେମିତିଆ ମୁଁ ତାକୁ ପଚାରିନଥିଲି । କିନ୍ତୁ ସେ ତା ସ୍ତ୍ରୀକୁ ଏମିତି ପ୍ରଶଂସା କରିବା ଶୁଣିବାକୁ ଭଲ ବି ଲାଗୁଥିଲା । ମୁଁ ମୋ ସ୍ତ୍ରୀକୁ କେବେ କେଉଁଠି ପ୍ରଶଂସା କରିଥିବି କାଇଁ ଆଦୌ ମନେ ପଡୁନି । ସେ ଯାହାବି ହେଉ ଖୁବ୍ ଖୁସିବାସି ପିଲାଟା । ମନକଥା ସବୁ ଏମିତି ଖୋଲିକି ପର ଆଗରେ କହିପକାଇବା ଖୁବ୍ କମ୍ ଲୋକଥିବେ ଏ ଦୁନିଆଁରେ । ତା' କଥାବାର୍ତ୍ତା ହିଁ ଜଣାଇଁ ଦେଉଥିଲା ସେ କେତେ ସରଳ ଓ ନିଷ୍କପଟ ବୋଲି । ଏମିତି ସବୁ ଘରକଥା, ବାହାର କଥା ସେ ଅନବରତ ଗପୁଥାଏ ।

ଏଥର ଭୁବନେଶ୍ୱର ଯିବା ବେଳେ ତା' ହାବୁଡରେ ପଡିଗଲି ଅର୍ଥାତ୍ ତା' ଗାଡିରେ ହିଁ ଯିବାକୁ ହେଲା । ଗାଡିରେ ବସୁବସୁ ଗପ ଷ୍ଟାର୍ଟ । ମୁଁ ଟିକେ ହସିଦେଇ ଇସରାରେ କହିଲି ଚାଲ । କିଛି ବାଟ ଗଲାପରେ ସେ ଯାହା କହିବା ଆରମ୍ଭକଲା, ମୁଁ ପୁରା ସଜାଗ ହୋଇଗଲି ଶୁଣିବାକୁ ।

ସବୁବେଳେ ପ୍ରାୟ ନ ଶୁଣି ଶୁଣିବାର ଅଭିନୟ କରୁଥିଲି ଏବେ କିନ୍ତୁ ଯେଉଁ କଥା ଆରମ୍ଭ କଲା ତାହା ମୋତେ ବିଦ୍ୟାଳୟର ଶ୍ରେଣୀ ଗୃହରେ ବସିଥିବା ଜଣେ ମେଧାବୀ ଛାତ୍ରରେ ଓ ତାକୁ ଜଣେ ଭଲ ଶିକ୍ଷକ ଭାବରେ ରୂପାନ୍ତରିତ କରିଦେଲା । ଖୁବ୍ ଗୁଡାଏ ଜିଜ୍ଞାସାରେ ଭର୍ ପୁର୍ ଆଖିରେ ତା' ଆଡକୁ ଅନାଇ ରହିଲି ।

ମୋ ଭିତରେ ତା' କଥା ଆଗ୍ରହର ସହ ଶୁଣିବାକୁ ଯେଉଁ କେଇ ପଦ କଥା ସୃଷ୍ଟି କରିଥିଲା ତାହା ହେଉଛି, "ସାର୍ ଦୁଇଦିନ୍ ତଳେ ରାତିରେ କି ମାଡ ମୁଁ ଖାଇଛି ! କୁହନ୍ତୁ ନାହିଁ ସେକଥା । ଏବେ ବି ଦେହ ହାତରୁ ଦରଜ ଯାଇନି ।"

ମୁଁ ତା'ର ଏଇ କଥାରେ ଖୁବ୍ ଆଶ୍ଚର୍ଯ୍ୟ ଚକିତ ହୋଇଗଲି । କି ପିଲା ଇଏ ? ଯିଏ ନିଜେ ମାଡ ଖାଇବା କଥା ମୁହଁରେ ସ୍ୱୀକାର କରିବାକୁ ତିଳେହେଁ ସଙ୍କୋଚ କରୁନି । ସାଧାରଣତଃ ଯେ କେହି ଲୋକ ନିଜ ଜୀବନରେ ଘଟିଥିବା ଏମିତି ମାଡ ଗାଳି ଖାଇବା କଥା କହିବାକୁ

ପଚ୍ଛାଇଥାନ୍ତି । ଏଠି କିନ୍ତୁ ଗୋଟେ ଲୋକ ପୁରା ମନ ଖୋଲିକି ସେଇ କଥା କହିବାକୁ ଟିକେ ବି ଦ୍ୱିଧା କରୁନି ।

ମୁଁ ଏଥର ମୁହଁଖୋଲି ପଚାରିଲି, " କିଏ କାହିଁକି ଏମିତି ମାରିଲା ?"

ସେ କାର୍ ରେ ଟପ୍ ଗିଅର୍ ଲଗେଇଦେଇ କହିବା ଆରମ୍ଭ କଲା । ସେ ତା' କଥା ସବୁକୁ ବଢିଆ ଢଙ୍ଗରେ ସଜେଇକି କହୁଥାଏ । ସେଇ କଥା ସବୁ ଏମିତି ଥିଲା ।

"ବୁଝିଲେ ସାର୍ ଦୁଇ ଦିନ ତଳେ ଏଇ ସଦେଇପୁରରୁ ଗୋଟେ ଭଡା ପାଇଲି । ଅଷ୍ଟମଙ୍ଗଳା ଦିନ ପୁଅବୋହୁ ବୁଲିବାକୁ ଯିବେ ବୋହୁର ବାପଘରକୁ । ସକାଳ ଆଠରୁ ବାହାରିଲୁ । ବୋହୁଟିର ବାପଘର ସେଇ ସାଲେପୁର ପାଖା ପାଖି ଏକ ଗାଁରେ । ଆମେ ସଦେଇପୁରରୁ ରଘୁନାଥପୁର, ସୋମପୁର ଓ କିଶୋନଗର ଦେଇ ପ୍ରାୟ ଦେଢ ଘଣ୍ଟାପରେ ସାଲେପୁରରେ ପହଞ୍ଚି ଗଲୁ ।

ସେ ବୋହୁଟି ତା' ବାପଘରକୁ ଯାଉଥିବାରୁ ଖୁବ୍ ଖୁସିଥାଏ । ବେକ, କାନ, ହାତ ଓ ମୁଣ୍ଡ ସବୁଆଡେ ଯେମିତି ସୁନାରେ ନେଶି ହୋଇଥାଏ । ବାହାଘରରେ ବାପଘର, ଶାଶୁଘର ଓ ବନ୍ଧୁବାନ୍ଧବ ଦେଇଥିବା ସମସ୍ତ ସୁନାଗହଣାକୁ ଦେହରେ ଲଗାଇ ଦେଇଥାଏ ବୋଧେ । ସେ ପୁଅଟି ବି ଶ୍ୱଶୁର ଘରକୁ ଜ୍ୱାଇଁ ହିସାବରେ ବାହାଘର ପରେ ପ୍ରଥମଥର ଯାଉଥିବାରୁ ହାତରେ ବ୍ରେସ୍ଲେଟ୍, ବେକରେ ଭଲ ଓଜନଦାର୍ ଚେନ୍ ଓ ହାତରେ ମଧ୍ୟ ଗୋଟେ କି ଦୁଇଟି ମୁଦି ପିନ୍ଧିଥାଏ । ଯାହାକୁ କୁହନ୍ତି ସାର୍ ଆମର ଏତେ ସୁନା ଅଛି ଦେଖାଇହେବା ଠିକ୍ ସେଇଆ । ମୁଁ ତାଙ୍କୁ ଦେଖୁଦେଖୁ ଭାବୁଥାଏ ଏମିତି ପୁଳେ ସୁନା ଆଜିକାଲି ଯୁଗରେ ରାସ୍ତା ଘାଟରେ ପିନ୍ଧି ଯିବା ଆଦୌ ଠିକ୍ ନୁହେଁ । କିନ୍ତୁ ତାଙ୍କ ସୁନା, ସେମାନେ ପିନ୍ଧୁଛନ୍ତି ମୁଁ ଆଜ୍ଞା କହିଥିଲେ କହିଥାନ୍ତେ ସାମାନ୍ୟ ଡ୍ରାଇଭର୍ ଟା ଏତେ ଉପଦେଶ କଣ ଦେଉଛୁ, ତେଣୁ ମୁଁ ଚୁପ୍ ଚାପ୍ ଗାଡି ଚଳାଇଲି । "ଏତିକି ଏକା ନିଶ୍ୱାସରେ କହି ସେ ଟିକେ ଅଟକିଗଲା । ମୁଁ ତା' କଥା ମନଧ୍ୟାନ ଦେଇ ଶୁଣୁଛି ବୋଲି ଜଣାଇବା ଉଦ୍ଦେଶ୍ୟରେ କହିଲି,"ହଁ ଝିଅଟି ଯେତେବେଳେ

ବାପ ଘରକୁ ବିବାହପରେ ପ୍ରଥମଥର ଯାଏ ଆଉ ସାଙ୍ଗରେ ସ୍ୱାମୀଟି ଥାଏ ଏମିତି ଖୁସିରେ ସୁନା ଜିନିଷପତ୍ର ସବୁ ପିନ୍ଧି ଖୁବ୍ ସଜେଇହୋଇ ଯାଏ । ଏଥିରେ କିଛି ଅସୁବିଧା ନାହିଁ ।"

ତାକୁ ଏତିକି କହି ମନେମନେ ଭାବୁଥିଲି ମୋ ସ୍ତ୍ରୀ ମଧ୍ୟ ଏମିତି ସଜେଇହୋଇ ଅଷ୍ଟମଙ୍ଗଳା ଦିନ ତା' ବାପ ଘରକୁ ମୋତେ ସାଙ୍ଗରେ ଧରି ଯାଇଥିଲା ।

ମୋ କଥା ଶୁଣି ସେ ବହୁତ ଖୁସି ହୋଇଗଲା । ଖୁସି ହେବାର କାରଣ ହେଉଛି ମୁଁ ତା' କଥା ମନଧ୍ୟାନ ଦେଇ ଶୁଣୁଥିବାରୁ । ସେ ପୁଣି କହିବା ଆରମ୍ଭ କଲା, " ବୁଝିଲେ ସାର୍ ସେ ବୋହୁଟିର ବାପ ଘର ଥିଲାବାଲା ପରିବାର । ଖୁବ୍ ବଡଲୋକ ଘର କହିଲେ ଅତ୍ୟୁକ୍ତି ହେବନି । ଏ ସଦେଇପୁର ପିଲାଟି ବୋଧେ ଭଲ ଅଫିସର୍ କି କ'ଣ ଚାକିରି କରିଥିବାରୁ ଝିଅଘର ତା ସହିତ ବିଭା କରିଥିଲେ ।

ସେଠି ପହଞ୍ଚି ଏ ବୋହୂଟି ଯେମିତି ଗାଁ ଦାଣ୍ଡରେ ହଠାତ୍ ବାଗୁଡି ଖେଳିବା ଆରମ୍ଭ କରିଦେଲା ।"

ତା କଥାରେ ମୁଁ ଜୋର୍ ରେ ହସି କହିଲି, " ବାଗୁଡି କଣ ଖେଳିଲା ? "

ସେ କହିଲା , " ହଁ ସାର୍ ସେଇଆ । ଘରେ ପହଞ୍ଚୁ ପହଞ୍ଚୁ ସଙ୍ଗେ ସଙ୍ଗେ ଶାଢୀ ଓହ୍ଲାଇ ଡ୍ରେସ୍ ପିନ୍ଧି ଗାଁରେ ଆ'ଘର ତା'ଘର ଖାଲି ଦୌଡା ଦୌଡି କଲା । କେତେବେଳେ ସାଙ୍ଗରେ କାହାକୁ ନେଇ ଯାଉଥାଏ ଜଣା ପଡୁନଥାଏ । ମଝିରେ ମଝିରେ ତା' ସ୍ୱାମୀକୁ ବି ସାଙ୍ଗରେ ଧରି କାହା ଘରକୁ ଯାଉଥିଲା । ସେତେବେଳେ ସ୍ୱାମୀଟି ଗୋଟେ ସ୍କୁଲ୍ ଛାତ୍ର ଆଉ ସେ ଝିଅଟି ଯେମିତି ତା ଶିକ୍ଷୟିତ୍ରୀ ସେମିତି ଲାଗୁଥିଲା । ଝିଅଟିର କଥା ମୁତାବକ୍ ସ୍ୱାମୀଟି ପୁରା ଚାଲୁଥାଏ । ଯାହା କୁହନ୍ତି ପୁରା ଆଜ୍ଞାଧୀନ ଛାତ୍ର । ଏମିତି ଲାଗୁଥିଲା ଯେମିତି ସେଇ ଗାଁ ଦାଣ୍ଡ ଖୁବ୍ ଗର୍ବ କରୁଥିଲା ସେଇ ଝିଅଟିର ଏହି ବେଶଭୁଷା ସହିତ ତା' ପାଦର ପାଉଁଜିର ଛମ୍ ଛମ୍ ଶବ୍ଦରେ ।

ସେଇ ଗାଁ ଦାଣ୍ଡରେ ପିଲାବେଳୁ ଝିଅ ଦିନରୁ କେତେ ଚଲାବୁଲା କରିଥିବ କିନ୍ତୁ ଏ ଚାଲିବା ସେ ଚାଲିବାଠୁ ଖୁବ୍ ନିଆରା ଥିଲା ।"

ଏ ଭିତରେ ଆମେ କେତେବେଳେ କଇଜଙ୍ଗା ପାଖରେ ପହଞ୍ଚି ସାରିଥିଲୁ । ମୁଁ ତାକୁ କହିଲି, "ଏଠି ଗାଡି ରଖ, ଟିକେ କଫି ପିଇକି ଧିରେ ସୁସ୍ଥେ ଏମିତି କଥା ହୋଇକି ଯିବା ।" ସେ କିନ୍ତୁ ତା' କଥାରେ ଏତେ ମଜ୍ଜି ଯାଇଥିଲା, ଏମିତି ଅଧାରୁ ବନ୍ଦ କରିବା ମୁଡ୍ ରେ ଆଦୌ ନଥିଲା । କିନ୍ତୁ ବାଧ୍ୟହୋଇ ମୋ କଥା ମୁତାବକ୍ ଗାଡି ସାଇଡ୍ କଲା । କଫି ପିଇ ସାରି ପୁଣି ଗାଡିରେ ବସିଛୁ ତ ତା' ବକ୍ ବକ୍ ପୁଣି ଆରମ୍ଭ କରିବାକୁ ମନସ୍ଥ କରି ମୋତେ ପଚାରିଲା, "ସାର୍ ଆମର ସେ କଥା କେଉଁ ଯାଏ ଯାଇଥିଲା ? "

ମୁଁ ବି ମଜାରେ କହିଲି, "ଗାଁ ଦାଣ୍ଡରେ ସେ ଝିଅ ବାଗୁଡି ଖେଳୁଥିଲା କେତେବେଳେ କାହାକୁ ଧରି କହି ହେଉନଥିଲା ।"

ସେ କହିଲା, " ହଁ ସାର୍ ଠିକ୍ କହିଲେ, ମୁଁ ସେ ପୁଅଟିର ପାଟି ଯାହା ଅଳ୍ପ ବହୁତେ କାର୍ ଭିତରେ ହିଁ ଶୁଣିଥିଲି । କିନ୍ତୁ ଶ୍ୱଶୁର ଘରେ ପହଞ୍ଚିଯିବା ପରେ ସେ ଯେମିତି ପୁରା ମୁକ ପାଲଟିଗଲା । ଯାହା କଥାବାର୍ତ୍ତା କେବଳ ସେଇ ଝିଅଟି ହିଁ କରୁଥିଲା ।"

ମୁଁ ମନେମନେ ଭାବିଲି ପ୍ରାୟେ ଅଧିକାଂଶ ଜ୍ୱାଇଁ ଅଷ୍ଟମଙ୍ଗଳାରେ ଶ୍ୱଶୁର ଘରକୁ ଗଲେ ମୁକ ପାଲଟି ଯିବାକୁ ଉଚିତ୍ ମନେ କରନ୍ତି । ତୋ ଭଳି ସବୁବେଳେ ବକର ବକର ହେବା ଲୋକ ଖୁବ୍ କମ୍ ଥିବେ ଏ ସଂସାରରେ । ତେଣୁ ଶ୍ୱଶୁର ଘରେ ଏ ଲୋକର ମୁକ ହେବା ନିହାତି ଅସମ୍ଭବ କଥା ।

ତଥାପି ତାକୁ ବୁଝାଇବାକୁ ଯାଇ କହିଲି, " ନାଇଁ କଥାଟା ତମେ ଯେମିତି କହୁଛ ସେମିତି ନୁହେଁ, ପ୍ରଥମଥର ପାଇଁ ଶ୍ୱଶୁର ଘରେ ଜ୍ୱାଇଁ ମାନେ ପ୍ରାୟ ଚୁପ୍ ରୁହନ୍ତି । ସେଠି ଝିଅଟି ପୁରା ଆଧିପତ୍ୟ ବିସ୍ତାର କରିନେଇଥାଏ ।

ବାପ ଘରେ ସବୁ ଝିଅମାନେ ଦେଖାଇବାକୁ ଚାହାନ୍ତି ଯେ ସେମାନେ ବାହାଘରର ଏଇ ଆଠ ଦିନ ଭିତରେ ସ୍ୱାମୀଟିକୁ ନିଜ ହାତମୁଠାକୁ ପୁରା ନେଇ ଆସିଛନ୍ତି । ତାଙ୍କ କଥା ମୁତାବକ ସ୍ୱାମୀଟି ପୁରା ଚାଲିଛି । ଏମିତି ଦେଖି ଝିଅର ବାପା ମା ତଥା ପରିବାରର ଅନ୍ୟମାନେ ତାଙ୍କ ଝିଅଟି ବହୁତ ଭଲରେ ଅଛି ଭାବି ଖୁବ୍ ଖୁସି ହୁଅନ୍ତି । ସ୍ୱାମୀମାନେ କେହି ମୂର୍ଖ ନୁହନ୍ତି । ସେମାନେ ଜାଣନ୍ତି ଝିଅଟି ବାପଘରୁ ସବୁଦିନ ପାଇଁ ଶାଶୁଘରକୁ ଯାଇଛି । ସେଠି ନୂଆ ପରିବେଶ ସହିତ ନୂଆ ଲୋକ ମାନଙ୍କୁ ନିଜର କରିବାକୁ ହୁଏ ଆଉ ସେଇ ସମୟରେ ସ୍ୱାମୀଟି ତା ସ୍ତ୍ରୀକୁ ସବୁ ପ୍ରକାରର ସାହାର୍ଯ୍ୟ ସହଯୋଗ କରିଥାଏ । ମାତ୍ର କିଛି ସମୟ ପାଇଁ ଝିଅଟି ବାପ ଘରକୁ ବୁଲି ଆସିଛି, ଫେରିଗଲେ ପୁଣି ଶାଶୁଘରର ଯାବତୀୟ ଦାୟିତ୍ୱ । ତେଣୁ କିଛି ସମୟ ପାଇଁ ସ୍ତ୍ରୀଟି ବାପଘରେ ଖୁବ୍ ଖୁସି କରୁ ଆଉ ସେଇଥି ପାଇଁ ବୋଧେ ଜ୍ୱାଇଁମାନେ ମୁକ ପାଲଟି ଯାଇ ସ୍ତ୍ରୀ ଯେମିତି କହେ, ଯୁଆଡେ ଯିବାକୁ କହେ ସ୍ୱାମୀ ସଙ୍ଗେ ସଙ୍ଗେ ରାଜି ହୋଇ ବସିବା ଜାଗାରୁ ଉଠି ସ୍ତ୍ରୀ ପଛେ ପଛେ ଚାଲିବା ଆରମ୍ଭ କରିଦିଏ ।

ବୋଧହୁଏ ଏହା ହିଁ ଅଷ୍ଟମଙ୍ଗଳାର ସୁନ୍ଦର ସ୍ୱଭାବିକ୍ ନିୟମ । ତମେ କ'ଣ ଅଷ୍ଟମଙ୍ଗଳାରେ ତମ ସ୍ତ୍ରୀଙ୍କ ସହିତ ସେମିତି ଶ୍ୱଶୁରଙ୍କ ପଡିଶାଘର ସବୁ ବୁଲି ଯାଇନଥିଲ ?

ସେ ମୋ କଥାରେ ଟିକେ ଲାଜେଇଯାଇ କହିଲା, "ଯାଇଥିଲି କିନ୍ତୁ ଏ ଝିଅଟି ଯେତେ ଆଡକୁ ତା' ସ୍ୱାମୀକୁ ନେଇ ଯାଉଥିଲା ସେତେ ଆଡକୁ ମୋ ସ୍ତ୍ରୀ ମୋତେ ନେଇ ନଥିଲା ।"

ମୁଁ ହସିଦେଇ କହିଲି, "ତାହେଲେ ତ ଏକା କଥା । ତମ ସ୍ତ୍ରୀ ତମକୁ ଯେତିକି ଆଡକୁ ନେଲା ତମେ ଗଲ ଆଉ ଠିକ୍ ସେମିତି ସେ ଲୋକର ସ୍ତ୍ରୀ ତାକୁ ଯୁଆଡେ ନେଲା ସେ ବି ଗଲା । ସେ ଝିଅଟିର ଟିକେ ଅଧିକ ସମ୍ପର୍କ ଥିବ ସାଇ ପଡିଶାଙ୍କ ସହ ।"

ମୁଁ କିନ୍ତୁ ଏ ଭିତରେ ମନେ ମନେ ଖୁବ୍ ବ୍ୟତିବ୍ୟସ୍ତ ହୋଇଗଲିଣି ଜାଣିବାକୁ, ସେ କାହିଁକି ଗୁଡେ ମାଡ ଖାଇଲା । ଭାବିଲି ବୋଧେ ସେ

ସ୍ୱାମୀ ସ୍ତ୍ରୀ ଏପଟ ସେପଟ ହୋଇ ବୁଲୁଥିବାରୁ କିଛି ଗୋଟେ ମନ୍ତବ୍ୟ ଦେଇଛି ଯାହାକୁ ସେ ଝିଅ ଏବଂ ତା' ପରିବାର ଅନ୍ୟ ଅର୍ଥରେ ନେଇ ଗୁଡେ ପିଟିଛନ୍ତି । ସେଇ କଥା ଜାଣିବାକୁ ତାକୁ ପୁଣି କହିଲି, " ଆଚ୍ଛା ତମକୁ ମାରିଲେ କାହିଁକି ସେ କଥା କହିଲ ? "

ସେ କହିଲା, "ସେଇ କଥା ପରା କହୁଛି ସାର୍ । ସେମାନଙ୍କର ଏମିତି ବୁଲା ବୁଲି ଭିତରେ ମୋ କଥା କିନ୍ତୁ ସେଇ ଝିଅ ପରିବାର ଠିକ୍ ବୁଝୁଥିଲେ । କେମିତି ବୁଝିବେନି କହୁନାହାନ୍ତି ମୁଁ ପରା ତାଙ୍କ ଜ୍ୱାଇଁଙ୍କ ଘର ପାଖା ପାଖି ଲୋକ । ପହଞ୍ଚିବା ପରେ ପରେ ଭଲ ଜଳଖିଆ ଆଉ ତା' ପରେ କେତେବେଳେ ଥଣ୍ଡା ପାନୀୟ ତ ଆଉ କେତେବେଳେ କଫି ଏମିତି ମଝିରେ ମଝିରେ ମିଳୁଥାଏ ।"

ମୁଁ ତା କଥାରେ ଅଧର୍ଯ୍ୟ ହୋଇ କହିଲି, "ସେ ସବୁ ତ ମିଳୁଥିଲା କିନ୍ତୁ ମାଡ କାଇଁ ମିଳିଲା କହୁନ କାହିଁକି ? "

ସେତେବେଳକୁ ଆମେ ନୂଆବଜାର ଭିତ ଭିତରେ । ସେ କାର୍ ରେ ଗିଅର୍ ଚେଞ୍ଜ୍ କରି କହିଲା, " ହଁ ସାର୍ ସେଇ କଥା କହୁଛି, ଟିକେ ଧୈର୍ଯ୍ୟ ଧରନ୍ତୁ । ସେଦିନ ବୁଧୁବାର ହୋଇଥିବାରୁ ମଧ୍ୟାହ୍ନ ଭୋଜନରେ ମଟନ୍ ସହିତ ବଡ ଚିଙ୍ଗୁଡି ବି ହୋଇଥିଲା । ଖାଇସାରି ପୁଣି ଝିଅ ଜ୍ୱାଇଁ କୁଆଡେ ଗଲେ ଯେ ଫେରିଲେ ଯାଇ ସଂଧ୍ୟା ୭ ପରେ । ବୋଧେ ଗାଁର ସବୁଘରେ ମୁହଁ ମାରି ଫେରିଲେ । ରାତ୍ରି ବଢୁଥାଏ । ମୁଁ ତ ଆଜ୍ଞା ସାରାଦିନ ପାଇଁ ଭଡାରେ ଯାଇଛି । ଶିଘ୍ର ଫେରିଯିବା ବୋଲି କହିବା ସମ୍ଭବ ନଥିଲା । ଏ ଭିତରେ ଝିଅ ଘରବାଲା ଫାଇନାଲ୍ କଲେ ଯେ ଏକାଥରେ ଡିନର୍ କରି ଝିଅ ଜ୍ୱାଇଁ ଫେରିବେ । ମୁଁ ଦେଖିଲି ଏଠୁଁ ବାହାରୁ ବାହାରୁ ରାତି ୧୦ ପରେ ନିଶ୍ଚେ ହେବ । ଘରେ ସ୍ତ୍ରୀ ବ୍ୟସ୍ତ ହେବ ଚିନ୍ତାକରି ମୋବାଇଲ୍ ରୁ କଲ୍ କରି କହିଲି ଏଠୁଁ ଖାଇକି ଯାଉ ଯାଉ ଡେରି ହେବ । ଠିକ୍ ସେଇଆ ହିଁ ହେଲା ସେଠୁଁ ଝିଅ ଜ୍ୱାଇଁ ବିଦାୟ ନେଲାବେଳକୁ ରାତି ୧୦:୩୦ ହେଲା । "

ତା' କଥାରେ ମୁଁ ଟିକେ ମଜା କରିବାକୁ ଯାଇ କହିଲି, "ହଁ ଏମିତି ହୁଏ । ମୁଁ ପରା ଅଷ୍ଟମଙ୍ଗଳାରେ ଯେଉଁ ବୁଲି ଯାଇଥିଲି ଠିକ୍ ଏମିତି ଖାଇ ପିଇ ରାତି ୧୧ ଟାରେ ଫେରିଥିଲି । ଶ୍ୱଶୁରଘର ଲୋକ ବିବାହପରେ ପ୍ରଥମ ଜ୍ୱାଇଁ ଚର୍ଚ୍ଚା ଭଲକରି କରନ୍ତି ।"

ମୁଁ ମନା କରୁନି ସାର୍, ସେମିତି ହୁଏ । ସେମାନେ ଯେତେବେଳେ ଘରୁ ବାହାରି ଆସି କାର୍ ରେ ବସିଲେ ମୁଁ ଆମ ଏରିଆର ପୁଅ ଅର୍ଥାତ୍ ସେଇ ଜ୍ୱାଇଁକୁ କହିଲି, " ବହୁତ ଲେଟ୍ ହେଲାଣି, ଏପଟେ ସାଲେପୁରର ସୋମପୁର ଯାଏ ରାସ୍ତା ଖୁବ୍ ନିଛାଟିଆ । ସେ ମହାନଦୀ ପୋଲ ପାଖାପାଖି ଏରିଆରେ କିଛି ଲୁଟେରା ଗାଡିକୁ ଅଟକାଇ ଜିନିଷପତ୍ର ଲୁଟ୍ କରିବାସହ ଖରାପ ବ୍ୟବହାର କରନ୍ତି । ଆମେ ଚାଲ ଏପଟେ କଟକଦେଇ ଯିବା ।"

ସେ ପୁଅଟି ମୋ କଥାରେ ରାଜି ହୋଇ କହିଲା ହଁ ସେଇଆ କରିବା । ଟିକେ ବୁଲାଣି ପଡୁପଛେ କଟକ ବାଟେ ହିଁ ଚାଲ ଯିବା ।

"କାଇଁ ଏତେବାଟ ବୁଲିବା, ସୋମପୁର ଏଠୁଁ କେତେବାଟ ଯେ, କଟକ ଦେଇ ଗଲେ ବହୁତ ସମୟ ଲାଗିବ ଆଉ ଯେତେ ଅଧିକ କିଲୋମିଟର ଉଠିବ କାର୍ ବାଲାର ଲାଭ, ତେଣୁ ସେ ସେପଟେ କଟକ ଦେଇ ଯିବାକୁ କହୁଛି ।" ସେ ଝିଅଟି ଆସ୍ତେ ଅସ୍ତେ କହୁଥିଲେ ବି ତା'ର ସବୁକଥା ମୋତେ କ୍ଲିଅର୍ ଶୁଭୁଥାଏ । ଭାବିଲି ଏତେ ବଡଲୋକ ଘର ଝିଅ ହୋଇ ବି କେମିତି ଏମିତି ଛୋଟ ଚିନ୍ତାଧାରା ମନରେ ରଖିଛି ? ଗୁଡେ ସୁନା ଜିନିଷ ପିନ୍ଧିଥିବାରୁ ତାଙ୍କରି ଭଲ ପାଇଁ କଟକ ଦେଇ ଯିବାକଥା କହିଥିଲି ଅଥଚ ସେ କେମିତି କଥା କହିଲା ଦେଖିଲେ ସାର୍ । ଭାବିଲି ଆଜିକାଲି ଯୁଗରେ କାହାକୁ ଭଲ କଥା କହିଲେ ସେ ନିଶ୍ଚେ ଭାବିବ ଏ ଲୋକର ନିଶ୍ଚୟ କ'ଣ ଉଦ୍ଦେଶ୍ୟ ଅଛି ।"

ମୁଁ ପଚାରିଲି, " ଫାଇନାଲି ତମେ କେଉଁ ବାଟେ ଆସିଲ ? ତମ ଗାଁ ପାଖର ପୁଅଟି କଣ ତା ସ୍ତ୍ରୀ କଥାରେ ରାଜି ହୋଇଗଲା କି ? "ସେ କହିଲା, "କେମିତି ରାଜି ହେବନି କହୁ ନାହାନ୍ତି ? ନୂଆ ନୂଆ ବାହାହୋଇ

ସ୍ତ୍ରୀ କଥାକୁ କେମିତି କାଟିଥାନ୍ତା ଯେ ? ସେ ତା ସ୍ତ୍ରୀ କଥାରେ ପଡି ମୋତେ କହିଲା ନାଇଁ ସେପଟେ ଏତେ କାଇଁ ବୁଲିବା, ଏପଟେ ଖୁବ୍ ପାଖ, କେତେ ସମୟ ଲାଗିବ ଯେ, ଚାଲ ଏପଟେ ଯିବା, କିଛି ଅସୁବିଧା ହେବନି ।"

ତା କଥା ମୁତାବକ ମୁଁ ଚୁପ୍ ଚାପ୍ ଗାଡି ଚଳାଇଲି । ଠିକ୍ କିଶୋରନଗର ପରେପରେ ଗୋଟେ ନିଛାଟିଆ ଯାଗରେ ରାସ୍ତା ଉପରେ କିଛି ପଥର ଥୁଆ ହୋଇଥିଲା । ସେତେବେଳକୁ ରାତି ୧୧ ଟା ହେଲାଣି । ଗାଡି ବ୍ରେକ୍ ମାରି କିଛି ସମୟ ସ୍ଥିର ହୋଇ ରହି ସବୁଆଡକୁ ଚାହିଁଲି । ଆଖପାଖରେ କେହି କୁଆଡେ ନଥିଲେ । ଶେଷକୁ ବାଧ୍ୟହୋଇ କାର୍ ରୁ ଓହ୍ଲାଇ ସେ ପଥର ଗୁଡିକୁ ରାସ୍ତାରୁ ହଟାଇବା ପାଇଁ ଆଗେଇ ଗଲି । ଗୋଟେ ପଥର ଉଠାଇଚି କି ନାହିଁ ହଠାତ୍ ପାଖରେ ଗୋଟେ ବଡ ଗଛ ମୂଳ ସେପଟେ ଲୁଚିକି ଥିବା ୬ ଜଣ ଲୋକ ଦୌଡିକି ମୋ ଆଡକୁ ମାଡିଆସିଲେ । ସମସ୍ତେ ମୁହଁକୁ କଳା କପଡାରେ ଢାଙ୍କି ରଖିଥାନ୍ତି ।

ସେମାନଙ୍କ ଭିତରୁ ତିନିଜଣ ମୋତେ ସେଇ ଗଛମୂଳକୁ ପୁରା ଟାଣିନେଇ ଧୁମ୍ ଧାମ୍ କରି ମାଡ ବସେଇବା ଆରମ୍ଭ କରିଦେଲେ । ଯାହାକୁ କହନ୍ତି ନିସ୍ଠୁକ ମାଡ ସାର୍ । ସେମାନଙ୍କ ଭିତରୁ କିଏ ଗୋଟେ ତା' ଯୋତା ପିନ୍ଧା ଗୋଡରେ ଶକ୍ତ ଗୋଇଠା ଟାଏ ମୋ ଜଙ୍ଘ ପାଖରେ ମାରିଲା । ଯାହାକୁ କୁହନ୍ତି ଅଥାନଥାନ ସେଇଠି ବହୁତ ଯୋର୍ ରେ ବାଜିଲା । ମୋ ଆଖିରୁ ସାର୍ ଖୁବ୍ ଯନ୍ତ୍ରଣାରେ ଯେମିତି ଜୁଲୁଜୁଳିଆ ପୋକ ବାହାରି ଆସିବା ସହିତ ପାଟିରୁ ବହୁତ ଜୋର୍ ରେ,"ବୋଉଲୋ ମରିଗଲି " ବୋଲି ଚିତ୍କାରଟିଏ ବାହାରି ଆସିଲା ।

ସେଇ ଗଛମୂଳେ ମୋତେ ନିସ୍ଠୁକ ମାଡ ହେଉଥିବା ବେଳେ ଆଉ ତିନି ଜଣ ଲୁଟେରା କାର୍ ପାଖରେ ଭୁଜାଲି ବାହାର କରି ସେ ଝିଅ ଜ୍ୱାଇଁଙ୍କୁ ଭୟଭିତ କରୁଥାନ୍ତି । ମାଡର ପ୍ରଭାବରେ ମୋ ପାଟିରୁ ଯେତେ ଜୋର୍ ରେ ଚିତ୍କାର ବାହାରୁଥାଏ ତେଣେ ସେତେ ଅଧିକ ସେ ସଦ୍ୟ ବିବାହିତା ଦମ୍ପତି ଡରୁଥାନ୍ତି ।

ମାଡ ମୁଁ ଖାଉଥାଏ କିନ୍ତୁ ସେ ମାଡର ପ୍ରଭାବ ସେ ଦୁଇଜଣଙ୍କ ଉପରେ ପଡୁଥାଏ । ଖାସ୍ ସେଇଥି ପାଇଁ ମୋତେ ଯେତେ ଜୋର୍ ରେ ସମ୍ଭବ ସେମାନେ ମାଡ ମାରୁଥାନ୍ତି । ଏ ଭିତରେ ମୋତେ ପୁଣି ଟାଣି ଟାଣି କାର୍ ପାଖକୁ ସେମାନେ ନେଇ ମୋ ମୁହଁକୁ ଶକ୍ତ ବିଧାଟେ ଦେଇ କହିଲେ, "ଶଳା ଚୁପ୍ ଚାପ୍ କାର୍ ଭିତରେ ବସ୍ " ମୁଁ ଜୀବନ ବିକଳରେ କାର୍ ଭିତରେ ବସି ପଡିଲି । ଯନ୍ତ୍ରଣାରେ ମୋ ମୁଣ୍ଡ କାମ କରୁନଥାଏ । ଏବେ ୬ ଜଣ ଯାକ ପଛ ସିଟରେ ବସିଥିବା ଦୁଇ ଜଣଙ୍କୁ କହିଲେ, " ଯାହା ସବୁ ଅଛି ଶୀଘ୍ର ବାହାର କର । ନଚେତ୍ ପରିଣାମ ଖୁବ୍ ଭୟାବହ ହେବ । " ଏମାନଙ୍କ କଥାରେ ଉଭୟେ ସ୍ୱାମୀ ସ୍ତ୍ରୀ ବରଡାପତ୍ର ପରି ଥରୁଥିଲେ କିନ୍ତୁ ଚୁପ୍ ଚାପ୍ ହୋଇ ବସିଥିଲେ । ହଠାତ୍ ଝିଅଟି ବସିଥିବା ପାର୍ଶ୍ୱରୁ କାର୍ ଡୋର୍ ଖୋଲି ତାକୁ ରାସ୍ତା କଡକୁ ଜବରଦସ୍ତ ଭିଡିନେଲେ । ଝିଅଟି ବଡ ପାଟିରେ କାନ୍ଦି ଉଠି ସେମାନଙ୍କୁ ନେହୁରା ହେଉଥାଏ ଛାଡି ଦେବାକୁ । ଏଣେ ସ୍ୱାମୀଟି ତା ବେକରୁ ଚେନ୍, ହାତରୁ ଘଣ୍ଟା ଓ ଆଙ୍ଗୁଠିରୁ

ମୁଦି କାଢି ସେମାନଙ୍କୁ ଦେବା ସଙ୍ଗେ ସଙ୍ଗେ କହିଲା, " ସବୁ ଜିନିଷ ପତ୍ର ନେଇଯାଅ କିନ୍ତୁ ତାଙ୍କୁ ଛାଡିଦିଅ । "

ଝିଅଟି ଏବେ ଜୀବନ ବିକଳରେ ତା' ଦେହରେ ଥିବା ସବୁ ସୁନା ଜିନିଷ କାଢୁଥାଏ ଆଉ ତା' ସହିତ କଇଁ କଇଁ ହୋଇ କାନ୍ଦୁଥାଏ । ସେମାନେ ସବୁ ଜିନିଷପତ୍ର ନେବା ସହିତ ଝିଅର ଭ୍ୟାନିଟ୍ ବ୍ୟାଗ୍, ପୁଅର ମନିପର୍ସ ସହିତ ଉଭୟଙ୍କ ମୋବାଇଲ୍ ସେଟ୍ ନେଇଯିବା ସହିତ ମୋତେ ମୋ ମୋବାଇଲ୍ ମାଗିଲେ । ମୋ ମୋବାଇଲ୍ କୁ ମୁଁ କାର୍ ର ଗିଅର୍ ପାଖରେ ଥିବା ଖୋପରେ ରଖିଥିଲି । ମୁଁ କହିଲି ଦେଖନ୍ତୁ ମୋର ମୋବାଇଲ୍ ନାହିଁ ଆଉ ଠିକ୍ ସେଇ ସମୟରେ ଦୂରରୁ କଣ ଗୋଟେ ଗାଡିର ଲାଇଟ୍ ପଡିବାରୁ ସେମାନେ କହଲେ, " ଶଳା ଯା' ଏଠୁଁ ଶୀଘ୍ର ପଳା ।"

ଆଉ ତାଙ୍କ କଥା ମୁତାବକ ମୁଁ ଗାଡିରେ ଧଡାଧଡ୍ ଗିଅର୍ ପରେ ଗିଅର୍

ଚେଞ୍ଜ୍ କରି ଦୃତ ଗତିରେ ସୋମପୁର ଆଡକୁ ଗାଡି ଚଳାଇ ପଳାଇ ଆସିଲି । ଏମିତି ମାଡ ବସିଥାଏ ମୋ ଗୋଡ ହାତ ଠିକ୍ ସେ କାମ କରୁନଥାଏ । ତଳିପେଟରୁ ରହି ରହି ହୁକ୍କା ମାରିଲା ପରି ଯନ୍ତ୍ରଣା ବାହାରୁଥାଏ । କିଛି ବାଟ ଆସିଛି ହଠାତ୍ ପଛ ଆଡୁ ସେ ଝିଅଟି ଜୋର୍ ରେ କାନ୍ଦି ଉଠି କହିଲା, " ଭାଇ ତମକୁ ବହୁତ ମାରିଲେ ଆଉ ଆମର ସବୁ ସୁନା ଜିନିଷ ନେଇଗଲେ ।"

ମୋର ତ ସେତେବେଳକୁ ମାଡଖାଇ ଘାଇଲା ଅବସ୍ଥା । ତେଣୁ ଯେତେ ରାଗ ମନରେ ଥିଲା ସବୁ ଗୋଟେ ମୁହୂର୍ତ୍ତରେ ବାହାରି ଆସିଲା । ତାକୁ କହିଲି, "ଚୁପ୍ କର୍ , କହିଲା କଣ ନା ଭାଇ ? କାଇଁ ଯେତେବେଳେ କହୁଥିଲି କଟକ ବାଟ ଦେଇ ବୁଲି ଆସିବାକୁ ସେତେବେଳେ ଏଇ ଭାଇ କଥା ଖୁବ୍ ଗନ୍ଧେଇଲା । "ମୋ କଥାରେ ସେ ଚୁପ୍ ହୋଇ ଆଉ କିଛି ନକହିଲେ ବି ଗୁମୁରି ଗୁମୁରି କାନ୍ଦୁଥାଏ । କାନ୍ଦିବନି କେମିତି ଯେ, କେତେଭରି ସୁନା ଯାଇଛି ଆକଳନ କରିବା କାଠିକର ପାଠ ।

ବାପଘର, ଶାଶୁଘର, ବନ୍ଧୁବାନ୍ଧବ ଦେଇଥିବା ସବୁ ଜିନିଷ ସେଇ ପାଞ୍ଚ ମିନିଟ୍ ଭିତରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରି ତା' ପାଖରୁ ଚାଲିଗଲେ ।

ମୁଣ୍ଡ ଖର୍ଚ୍ଚକରି ଗାଡିକୁ ସିଧା ନେଇ ରଘୁନାଥପୁର ଥାନାରେ ପୁରାଇଲି । ସେ ପୁଅକୁ କହିଲି ଏତଲା ଦେବାକୁ । ସେତବେଳକୁ ରାତି ୧୨ ହେଲାଣି । ଥାନାବାଲା ସେ ପୁଅ ଆଉ ଝିଅଠୁ ସବୁ ଶୁଣିବା ପରେ ଜଣେ ହଠାତ୍ କହିଲା, "ସବୁ ନାଟ ଏଇ ଡ୍ରାଇଭର୍ ର । ତାକୁ ଆଗ ହାଜତରେ ପୁରାଇ କିଛି ଉତ୍ତମ ମଧ୍ୟମ ଦେଇଦେଲେ ସବୁ ସତ ଉଗାଳି ପକାଇବ ।" ସତ କହୁଛି ସାର୍ ସେ ପୋଲିସ୍ କଥା ଶୁଣି ମୋ ମୁଣ୍ଡ ପୁରା ଘୁରିଗଲା । ବିନା କାରଣରେ ସେ ଲୁଟେରାମାନଙ୍କ ଠାରୁ ବହେ ଛେଚା ଖାଇଲି ଆଉ ଏବେ ହାଜତରେ ପୁରାଇ ଏ ପୁଲିସ୍ ବାଲା ନିର୍ଧୁମ୍ ପିଟିବେ । କହିଲେଣି ମାନେ ନିଶ୍ଚୟ କାର୍ଯ୍ୟକାରୀ କରିବେ । ସେ ପୁଲିସ୍ ର କଥା ମୁତାବକ ଜଣେ ହାଜତ ଚାବି ଖୋଲିବା ଆରମ୍ଭ କଲା ।

ମୁଁ ପୁରା ଭୟରେ ଥରୁଥାଏ । ପୁଲିସ୍ ବାଲାଙ୍କ ନିୟମ ବୋଧେ ଆଗ ଗାଡି ଡ୍ରାଇଭରକୁ ହିଁ ସନ୍ଦେହ କରିବା । ସେମାନେ ଭାବିଥିବେ ଏ ଡ୍ରାଇଭର୍ ଏତେ ସୁନା ଜିନିଷ ଦେଖି ନିଶ୍ଚିତ ତା' ସାଙ୍ଗ ସାଥୀଙ୍କୁ ଫୋନ୍ କରି କେତେବେଳେ କେଉଁବାଟ ଦେଇ ଫେରିବେ କହିଥିବ ଆଉ ସେଇ ହିସାବରେ ଏ ଲୁଟ୍ ହୋଇଛି ।

ଭୟରେ ମୋ ଗୋଡ ହାତ ସବୁ ଥରୁଥାଏ । ସେ ଲୁଟେରା ଗୁଡାକ ଅନ୍ଧାରରେ ମାଡ ମାରିଲେ ଏବେ ଏ ବର୍ଦ୍ଦିବାଲା ଆଲୁଅରେ ପିଟିବେ । କି ବେଳାରେ ଆଜି ଘରୁ ବାହାରିଥିଲି କେଜାଣି ? ଯେମିତି ଭଲ ଖାଇବାକୁ ମିଳିଲା ସେମିତି ମାଡ ବି ମିଳୁଛି । ଯେଉଁ ପୁଲିସ୍ ବାଲା ହାଜତ୍ ଚାବି ଖୋଲିଥିଲା ସେ ଏବେ ପାଟିକରି ମୋତେ କହିଲା, " ସେଠି କଣ ଜଡଟା ଭଳି ଠିଆ ହୋଇଛୁ ବେ । ହାଜତ ଭିତରକୁ ଆସୁଛୁ ନା ଦେଖିବୁ ଏବେ ? ପୁଲିସିଆ ପାହାର ବସିଗଲେ ସବୁ ମାନିବୁ ବୋଲି ବାଟ ପାଇବୁନି । "

ବୁଝିଲେ ସାର୍ ମୁଁ ପିଲାବେଳୁ ଶୁଣିଥିଲି ଥାନା, ଭୁତଖାନା ଆଉ ଏବେ ଦେଖିଲି ସେ କଥା ଏକବାରେ ସତ । ହାତ ଯୋଡି ବଡ ବିକଳ ହୋଇ କହୁଥାଏ , " ସତ କହୁଛି ଆଜ୍ଞା , ମୁଁ କିଛି ଜାଣିନି ।" ମୋ ଅବସ୍ଥା ଦେଖି ସେ ଝିଅଟି ହଠାତ୍ କାନ୍ଦିଉଠି କହିଲା, " ନାଇଁ ସାର୍, ଏ ଭାଇଙ୍କର କିଛି ଦୋଷ ନାହିଁ । ସେ ବରଂ କହୁଥିଲେ ଏତେ ଲେଟ୍ ହେଲାଣି ଆମେ ଏ ନିଛାଟିଆ ବାଟରେ ଯିବା ଠିକ୍ ହେବନି, କଟକ ବାଟେ ବୁଲିଗଲେ ଭଲ ହେବ । କିନ୍ତୁ ମୁଁ ତାଙ୍କୁ ବାଧ୍ୟକଲି ସେଇ କିଶୋରନଗର ବାଟେ ଆସିବା ପାଇଁ ।"

ତା କଥାରେ ସେ ପୁଲିସ୍ ର ମନ ତଥାପି ବୁଝିଲାନି । ମୋ ମୋବାଇଲ୍ ନେଇ ଚେକ୍ କଲା । ଦେଖିଲା କେବଳ ଗୋଟେ କଲ୍ ହୋଇଛି । ମୁଁ କହିଲି ସେଇ ସନ୍ଧ୍ୟାରେ ଡେରିହେବ ବୋଲି ସ୍ତ୍ରୀକୁ ଫୋନ୍ କରି କହିଥିଲି । ସେ ନମ୍ବରକୁ ଏବେ ଲାଉଡ୍ ସ୍ପିକର୍ ଦେଇ କଥା ହେବାକୁ କହିଲେ । ତାଙ୍କ କଥା ମୁତାବକ୍ ମୁଁ କଥାହେଲି ସ୍ତ୍ରୀ ସହିତ ।

ସେମାନେ ସବୁ ଶୁଣିବା ପରେ ନିଶ୍ଚିତ ହେଲେ ମୁଁ ସେ ଲୁଟ୍ ରେ ସମ୍ପୃକ୍ତ ନାହିଁ ବୋଲି । ସେଠୁ ଥାନାରୁ ଫେରି ରାତି ୨ଟା ରେ ଘରେ ପହଞ୍ଚିଲି । ଆଜିକି ସାର୍ ଦୁଇ ଦିନ ହେଲାଣି କିନ୍ତୁ ସେ ମାଡର ଦରଜ ଏଯାଏ ଯାଇନି । ସେଦିନ ସେ ଝିଅଟି ଯଦି ମୋ ପାଇଁ ସେତିକି କହିନଥାନ୍ତା ଆଜି ଗାଡି ଚଲାଇ ଆପଣଙ୍କ ସହିତ ଯାଇପାରିବା ପ୍ରଶ୍ନ ଉଠୁନି ସାର୍ ।

ମୁଁ ତା' କଥା ଶୁଣି ଭାବୁଥାଏ ଏ ଦେଶ ସ୍ୱାଧୀନତା ପାଇବାର ୭୨ ବର୍ଷ ପରେ ବି ଲୋକମାନେ ରାସ୍ତାରେ ନିରାପଦରେ ଯାଇ ପାରୁନାହାନ୍ତି । ସେଦିନ ସେ ଲୁଟେରା ମାନେ କେବଳ ଜିନିଷ ପତ୍ର ଲୁଟିନେଇ ଛାଡିଦେଲେ । ଆଉ କେଉଁଠି ତ ରାତି କଥା ଛାଡ ସ୍ପଷ୍ଟ ଦିବାଲୋକରେ ନାରୀକୁ ଉଠାଇ ନେଇ କୁକର୍ମ କରିବା ସହିତ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି । ଶିକ୍ଷିତ ବେକାରି ସଂଖ୍ୟା ଯେମିତି ଭାବରେ ବଢି ଚାଲିଛି ଆଗକୁ ଆଗକୁ ଏମିତି ଲୁଟ୍, କୁକର୍ମ ଅଦି ବଢି ବଢି ଚାଲିବ ପଛେ କମିବାର ନାହିଁ ।

ଖବରକାଗଜରେ ପ୍ରାୟ ଏମିତି ନିଉଜ୍ ସବୁଦିନେ ବାହାରୁଛି । କେଜାଣି କେବେ ସେଦିନ ଆସିବ ଯେବେ ଗୋଟେ ନାରୀ ରାତି ୧୨ ଟାରେ ଏକୁଟିଆ ନିର୍ଭୟରେ ଯେକୌଣସି ସ୍ଥାନରେ ବୁଲି ପାରିବ ? ସତରେ ଯଦି ଏମିତି ସମ୍ଭବ ହୁଅନ୍ତା ଆମ ଭାରତ ରାମରାଜ୍ୟରେ ପରିଣତ ହୋଇଯାଆନ୍ତା । କେବଳ ସମୟକୁ ଅପେକ୍ଷା କରିବା ଛଡା ଅନ୍ୟକିଛି ଉପାୟ ନାହିଁ ।

*****

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସ୍ୱାମୀ ବିବେକାନନ୍ଦ ସ୍ମାରକ
ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର

# ଦୁଇ ଅକ୍ଷରରେ ବାପା

ସୋନାଲି ସ୍ୱାଇଁ

ଜୀବନର ରାସ୍ତା ଅଙ୍କାବଙ୍କା ଓ ଅଣଓସାରିଆ, ଏହି ରାସ୍ତାରେ କେବେ ଲୁହର ସାଗର ଆସେ ତ ଆଉ କେବେ ଆସେ ଫୁଲର ଖୁସି ମାନ । ଜୀବନର ଏଇ ହସ ଆଉ ଦୁଃଖର ସମୁଦ୍ର ଭିତରୁ, ହୀରା ଠାରୁ ବି ଅଧିକ ମୂଲ୍ୟବାନ ଦୁଇ ସମ୍ପତି ଯାହା ଆମେ ସାଉଁଟିଛୁ ତାହାହେଲେ ଆମ "ବାପା" ଓ "ମା", ମାତୃଗର୍ଭରୁ ଶିଶୁଟି ଭୂମିଷ୍ଠ ହେବାପରେ କୁଆଁକୁଆଁ କାନ୍ଦରେ, ଯୋଉ କୋଳ ତା'କୁ ପ୍ରଥମେ କୋଳାଇନିଏ, ସିଏ ହେଲେ ମା । ଆଖି ଖୋଲୁଖୋଲୁ ସାରା ଦୁନିଆଁକୁ ଦେଖିବା ପୂର୍ବରୁ, କୁନି ଆଖି ଦୁଇ ପ୍ରଥମେ ଯାହାକୁ ଦେଖିବାକୁ ସମର୍ଥ ସିଏ ମା, ପାଟି ଖୋଲୁ ଖୋଲୁ, ଆପେଆପେ ଯାହାର ନାଁ ପାଟିରେ ଚାଲିଆସେ ସେ ମା । ହୁଏ ତ ପୁଅ ଟିଏ କେବେ ନିଜେ ବାପା ହୋଇ ବାପାଙ୍କ ମୂଲ୍ୟବୋଧ ବୁଝିପାରେ ହେଲେ ଝିଅଟିଏ କେବେ ନୁହେଁ ନା ?

ବାସ୍ତବରେ କିନ୍ତୁ ଝିଅଟିର ଜୀବନ ହୋଇଥାନ୍ତି ତା'ର ବାପା । ସବୁ ପିଲାଙ୍କ ପାଟିରେ ଶୁଣିବାକୁ ମିଳେ ମା ଭଲ, ବାପା ରାଗି କିନ୍ତୁ କେହି ବୁଝିପାରନ୍ତିନି କ୍ୟାମେରା ପଛର ସେ କାହାଣୀକୁ, ରାଗ ପଛର ସେ ସ୍ନେହ ଓ ପ୍ରେମକୁ ।

• ରଜ, ଦୋଳ ହେଲେ ପିଲାମାନଙ୍କ ପାଇଁ ନୂଆନୂଆ ଡ୍ରେସ ଆସେ, ହେଲେ ବାପା ସେ ଗୋଟେ ପୁରୁଣା ପ୍ୟାଣ୍ଟରେ ସାରା ବର୍ଷ ଚଳିଯାନ୍ତି ।

• ଦୁରକୁ ଗଲେ, ବାପା କିଛି ଖାନ୍ତୁ କି ନଖାନ୍ତୁ, ପକେଟରେ ପଇସା ଥାଉ କି ନଥାଉ ପିଲାମାନଙ୍କ ପାଇଁ ଚକୋଲାଟେ, ବିସ୍କୁଟ ଆଣିଥାନ୍ତି ।

• ପରୀକ୍ଷାରେ ଭଲ ମାର୍କ ରଖିଲେ, ମା' ତ ଖୁସିରେ ଗପିଚାଲେ ମୋ ପିଲାମାନେ ଭଲମାର୍କ ରଖିଛନ୍ତି, ସାଙ୍ଗେ ସାଙ୍ଗେ ବଜାର ଯାଇ ମିଠା ପ୍ୟାକେଟେ କିଣି ଆଣୁଥିବା ମଣିଷ ହେଉଛନ୍ତି ବାପା ।

• ଖରାଦିନେ ବଜାରକୁ ଗଲେ, ମୁଣ୍ଡଫଟା ଖରାରେ ସେ ନିଜେ ପାଣି ପିଅନ୍ତୁ କି ନ ପିଅନ୍ତୁ, ଆସିଲାବେଳେ ସାଙ୍ଗରେ ଆଣି ଆସନ୍ତି ତରଭୁଜ ଆଉ ଥଣ୍ଡା ।

• ବାପା ରାତି ଦିନ କଷ୍ଟ କରି ଯୋଉ ପଇସା ରୋଜଗାର କରନ୍ତି, ତାକୁ ନିଜ ଭବିଷ୍ୟତ ପାଇଁ କେବେ ରଖନ୍ତିନି, ମାସ ଶେଷରେ ଭରି ଦିଅନ୍ତି ଟିଉସନ ଫିସ୍ ।

• ବାପା ରାତିରେ ଖାଇବା ବେଳେ ଆଉ ତରକାରି ମାଗନ୍ତିନି ଖାଲି ରୁଟି ରେ ଚଳାଇଦିଅନ୍ତି ।

• ପଇସା ସରିଗଲେ ଆମେ ମା'କୁ ଫୋନ କରି କହିଥାଉ ପଇସା ସରିଯାଉଛି ବୋଲି, ହେଲେ ପଇସା ଆସିଥାଏ ଆମ ପାଖକୁ ବାପାଙ୍କ ଆକାଉଣ୍ଟରୁ ।

• ଝିଅ ପୁଅ ପାର୍ଲର ଯାଇ ପଇସା ଉଡାନ୍ତି, ହେଲେ କ୍ରିମ ସରିଗଲା ପରେ ବି ସାବୁନରେ ଦାଢ଼ି କାଟି କାମ ଚଳାଇ ଦେଉଥିବା ମଣିଷ ହିଁ ବାପା...।

• ବାପା କେବେ ବେମାର ପଡନ୍ତିନି, ଆଉ ଦେହ ଖରାପ ହେଲେ ବି ଡାକ୍ତରଖାନା ଯାଆନ୍ତିନି, ଡାକ୍ତର ଯଦି ମାସେ ବିଶ୍ରାମ କରିବାକୁ କୁହନ୍ତି, ତା' ପରଦିନ ସକାଳୁ ଉଠି କାମରେ ଲାଗିପଡୁଥିବା ମଣିଷ ହିଁ ବାପା ।

• ବାପା ବେଶି କଥା କୁହନ୍ତିନି, ବାପା ବେଶି ହସନ୍ତିନାହିଁ, କିନ୍ତୁ ପିଲାମାନଙ୍କ ଟିକିଟିକି କଥାରେ ସବୁ ଫର୍ମାଲିଟି ପୂରଣ କରିଦିଅନ୍ତି ।

• ବାପା ରାଗି ସତ, କିନ୍ତୁ ପିଲା ମାନଙ୍କ ଖାଇବା କେବେ ବନ୍ଦ କରନ୍ତି ନାହିଁ । ନିଜେ ନ ଖାଇ ପଛେ ଖାଇବା ପାଖରୁ ଉଠିଯାନ୍ତି ।

• ବାପା ବେଶି ହସନ୍ତି ନାହିଁ, ବାପା କେବେ କାନ୍ଦନ୍ତି ବି ନାହିଁ ।

କଲମର ମୁନ କଣ ସକ୍ଷମ ଆଙ୍କିବାକୁ ବାପାଙ୍କ ସ୍ନେହ । ତଥାପି ପ୍ରୟାସ ନଛାଡି ଲେଖିଛି ମୁଁ "ଦୁଇ ଅକ୍ଷରରେ ବାପା" ବାପା ଦୁଇଟି ଅକ୍ଷରର ସମାହାର ସିନା ସେଇ ଅକ୍ଷର ଭିତରେ ଲୁଚି ରହିଛି କୋଟି କୋଟି ଅନୁଭବ ଆଉ ସ୍ନେହ ।

*****

ବୋରିକିନା, ଜଗତସିଂହପୁର

# ମୋ ବାପାଙ୍କ ସଂଘର୍ଷ

ରଞ୍ଜିତା ଦାସ

ଆଜିର ସରଳ ଶାନ୍ତ ମଣିଷଟିଏ, ଯେ କି ଜନ୍ମ ହେବାର ସାତ ବର୍ଷ ପରେ ନିଜ ବୋଉକୁ ହରେଇଥିଲା । ସାତ ବର୍ଷରୁ ସଂଘର୍ଷ କରିବା ଶିଖିଗଲା ସେ, ଯେଉଁଠି ଆଜି କାଲିର ପିଲା ପନ୍ଦର ବର୍ଷ ଯାଏଁ ମଧ୍ୟ ନିଜ କାମ ନିଜେ କରିବାକୁ ଅସମର୍ଥ । ସେ ପିଲାର ବାପା ବହୁତ କଡା ଲୋକ, ଜଣେ ସଚ୍ଚୋଟ୍ ମଣିଷ । ବୋଉ ଚାଲିଗଲା ପରେ, ଜେଜେମାଙ୍କ କୋଳରେ ବଡ ହେଲା, କିନ୍ତୁ ଦଇବ ସେଇ ବୁଢୀ ମା'ଙ୍କୁ ମଧ୍ୟ ନେଇଗଲା । ୧୯୭୧ ଓଡ଼ିଶା ବାତ୍ୟାର ପରେ ପରେ ସେ ପିଲାର ବୁଢୀମା ବି ଚାଲିଗଲା । ଛୋଟ ପିଲାଟି କେତେ ବା' କଷ୍ଟ ଆଉ ସହିବ ଯେ, ସେଇ ବୟସରେ ସେ ନିଜେ ଘରେ ରନ୍ଧାବଢ଼ା କରିବାଠୁ ଘରକାମ ମଧ୍ୟ କରେ । ଅଥଚ ସେ ପିଲାର ଭଉଣୀଟିଏ ଥାଏ ଯେ, କିନ୍ତୁ ସେ ମାତ୍ର ତିନି ଚାରି

ବର୍ଷର ଛୁଆ । ସେ ପିଲା ସେଇ ଭଳି ସଂଘର୍ଷ କରିଚାଲିଲା ଆଉ ତା'ର ଆର୍ଥିକ ପରିସ୍ଥିତି ମଧ୍ଯ ଏତେ ଭଲ ନଥିଲା । ତା'ର ବାପା କାଚ ବେପାର କରୁଥିଲେ, ସେଥିରୁ କେତେ ବା ପଇସା ମିଳିବ ? ଯେଉଁ ଦିନ କିଛି କାରବାର ହୁଏନି ସେଦିନ ସେମାନଙ୍କୁ ଭୋକ ଉପାସରେ ଶୋଇବାକୁ ମଧ୍ଯ ପଡେ । ଏମିତି ଅନେକ ଥର ମାଗି ଖାଇବାର ଦଶା ମଧ୍ଯ ଆସିଥିଲା । ଦୁଃଖର ଦିନ ଏମିତି ଗଡି ଚାଲିଲା, ସମୟ ସ୍ରୋତ କଣ କାହାକୁ ଅପେକ୍ଷା କରେ କି ? ସେ ପିଲା ସେଇ ଅଭାବ ଅନାଟନର ମଧ୍ଯରେ ଦଶମ ଶ୍ରେଣୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇପାରିଲା । ମନରେ ତ ଆଶା ବହୁତ ଥିଲା କିନ୍ତୁ ପାଖରେ ଆର୍ଥିକ ବଳ ନଥିଲା । କଲେଜରେ ନାମ ମଧ୍ଯ ଲେଖେଇଲା କିନ୍ତୁ ଦୁର୍ଭାଗ୍ୟ ବଶତଃ ଆଉ ପାଠ ପଢ଼ା ଆଗକୁ ଚାଲୁ ହୋଇପାରିଲା ନାହିଁ । ବହୁତ କିଛି କାରଣ ଥିଲା ସେଥିପାଇଁ ସେ ଦିନେ ରାଉରକେଲା ଯାଉଥିବା ବସରେ ଟିକେଟ କାଟି ରାଉରକେଲାରେ ପହଞ୍ଚିଗଲା । ଏଠି ତ ସଂଘର୍ଷ ଅନେଇ ରହିଥିଲା, ଏନ. ଆଇ.ଟି ସେତେବେଳେ ଆର.ଇସି. ନାମରେ ନାମିତ ଥିଲା ।

ସେ ସେଠି ଆସି ଦୁଃଖେ କଷ୍ଟେ ରହିବା ଆରମ୍ଭ କଲା ଏବଂ ହଷ୍ଟେଲରେ ପରିବା କଟା, ଅଟା ଦଳା ଓ ନାନା ପ୍ରକାରର କାମ କରିବା ଆରମ୍ଭ କଲା । ମଝି ମଝିରେ ମଧ୍ୟ ଏନ.ଆଇ. ଟିରେ ବାହାରୁଥିବା ଚାକିରୀ ବିଷୟରେ ଅବଗତ ଥିଲା ଏବଂ ଆବେଦନ କରୁଥିଲା । ଏଠି ମଧ୍ୟ ସଂଘର୍ଷ କମ୍ ନଥିଲା, ମାତ୍ର ଖଣ୍ଡିଏ ରୁଟି ଖାଇବାକୁ ହେଲେ କୋଡିଏ କିଲୋର ଅଟାରେ ରୁଟି ବେଲିବାକୁ ପଡୁଥିଲା । ବହୁତ କଷ୍ଟ ଦୁଃଖ ଆଉ ଯନ୍ତ୍ରଣା ପରେ ଶେଷରେ ଗୋଟେ ଚାକିରୀ ମିଳିଗଲା ଏବଂ ଅଭାବ ଅନାଟନ ଅନ୍ନେ ବହୁତ ଦୂରେଇଗଲା ।

ସମୟ ସେହିପରି ଗଡି ଚାଲିଲା ଆଉ ଆଜି ତାଙ୍କର ପୁଅ ଏନ.ଆଇ.ଟି ରାଉରକେଲାରୁ ବି.ଟେକ ପାସ କରି ଏବେ ଆଇ.ଆଇ.ଟି ଖଡଗପୁରରେ ଦ୍ଵିତୀୟ ବର୍ଷର ଛାତ୍ର । ଆଉ ସେ ନିଜ ଝିଅ ମାନଙ୍କୁ ବି ଉପଯୁକ୍ତ ଶିକ୍ଷା ଦେଇଛନ୍ତି । ହୁଏତ ସେ ନିଜେ ବେଶି ପଢ଼ିପାରିଲେନି କିନ୍ତୁ ନିଜ ପିଲା ମାନଙ୍କୁ ଉପଯୁକ୍ତ ଶିକ୍ଷାର ଅଧିକାରୀ କରେଇ ପାରିଛନ୍ତି ।

ଦିନ ଥିଲା ଅଭାବ ଆଉ ଅନାଟନ ତା' ବନ୍ଧୁ ଥିଲେ ଓ ସେମାନେ ଗୋଟିଏ ଚାଳ ତଳେ ରହୁଥିଲେ । କିନ୍ତୁ ଆଜି ସବୁ କିଛି ପରିବର୍ତ୍ତନ ହୋଇଯାଇଛି ଏବଂ ସେ ଅଭାବ ଆଉ ଅନାଟନକୁ ସେ କେବେଠୁଁ ତଣ୍ଟିଆ ମାରି ତଡି ଦେଲାଣି । ହଁ, ସମୟ ଏବଂ ତା'ର ନିଜ କର୍ମବଳ ନୂଆ ରଙ୍ଗ ଆଣିଛି, ହଁ ନୂଆ ରଙ୍ଗ ଆଣିଛି ।

"ଏମିତି ସଂଘର୍ଷର କେତେ କାହାଣୀ ମାନ ସବୁ ଲିପିବଦ୍ଧ ହୋଇ ରହିଯାଇଛି ତନ୍ମଧ୍ୟରୁ ଏଇଟି ହେଉଛି ଏକ ଯାହାକି ନିଛକ ସତ କାହାଣୀଟିଏ । ମୋ ବାପା ଏ ସବୁ ନିଜେ ଅଙ୍ଗେ ନିଭେଇଛନ୍ତି ଆଉ ସମୟେ ସମୟେ ସେ ନିଜେ ଅଙ୍ଗେ ନିଭେଇଥିବା ସଂଘର୍ଷକୁ ଆମ ଆଗେ ବଖାଣି ଦିଅନ୍ତି ଏବଂ ଏହା ବହୁତ ପ୍ରେରଣା ଦିଏ ଆଗକୁ ବଢିବାକୁ ଆଉ ନିଜ ଜୀବନରେ କିଛି ଭଲ କରିବାର ଇଛାଶକ୍ତି ଭରିଦିଏ" ।

*****

ନିଟ୍, ରାଉଲକେଲା

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଦଶମ ସଂସ୍କରଣ । ଏହି ଜୁଲାଇ ୨୦୧୯ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

https://play.google.com/store/apps/details?id=com.debi.prerana